୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.228 Bhubaneswar Tuesday October 22 2024 | ୨୬ତମ ବର୍ଷ ସଂଖ୍ୟା-୨୨୮ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୨, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ସମ୍ଭାବ୍ୟ ବାତ୍ୟା ପାଇଁ ୧୪ ଜିଲ୍ଲାରେ ସ୍କୁଲ୍ ଛୁଟି ଘୋଷଣା

ଭୁବନେଶ୍ୱର,୨୧।୧୦(ପି.ଏନ): ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୪ଟି ଜିଲ୍ଲାରେ ୩ ଦିନିଆ ସ୍କୁଲ ଛୁଟି ଘୋଷଣା କରିଛନ୍ତି । ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍କୁଲଗୁଡିକୁ ଛୁଟି ଘୋଷଣା କରାଯାଇଛି। ଯେଉଁ ୧୪ଟି ଜିଲ୍ଲା ପାଇଁ ସ୍କୁଲଗୁଡିକୁ ଛୁଟି ଘୋଷଣା କରାଯାଇଛି, ସେଗୁଡିକ ହେଉଛନ୍ତି- ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଅନୁଗୋଳ, ଖୋର୍ଦ୍ଧା, ନୟାଗଡ ଓ କଟକ।ସମ୍ଭାବ୍ୟ ବାତ୍ୟା 'ଦାନା' ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ମଧ୍ୟରେ ଓଡିଶାର ପୁରୀ ଓ ପଶ୍ଚିମବଙ୍ଗର ସାଗର ଦୀପପୁଞ୍ଜ ମଧ୍ୟରେ ଉପକୂଳକୁ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଉପରୋକ୍ତ ୧୪ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଅଳ୍ପ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହୋଇପାରେ। ଏମିତିକି ସମ୍ଭାବ୍ୟ ବାତ୍ୟା ଲ୍ୟାଣ୍ଡ ଫଲ୍ କଲା ବେଳେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିମି ରହିପାରେ ବୋଲି ପୂର୍ବାନୁମାନ କରାଯାଇଛି। ତେଣୁ ପ୍ରତିଷେଧକମୂଳକ ପଦକ୍ଷେପ ସ୍ୱରୂପ ସ୍କୁଲଗୁଡିକ ଛୁଟି ଘୋଷଣା କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଏସଆରସି ଦେଓରଞ୍ଜନ କୁମାର ସିଂ ଆଜି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍ ?ରେ ୨୩ ତାରିଖ ସକାଳ ସାଢେ ୮ଟାରୁ ୨୪ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର ଓ ପୁରୀ ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ୨୪ ତାରିଖ ସକାଳ ସାଢେ ୮ଟାରୁ ୨୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡିକୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ନୟାଗଡ, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ନେଇ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ୨୫ ତାରିଖ ସକାଳ ସାଢେ ୮ଟାରୁ ୨୬ ତାରିଖ ସକାଳସାଢେ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପାଇଁ ରେଡ୍ ଓ୍ୱାର୍ଣ୍ଣିଂ ଜାରରି କରାଯାଇଛି। ଏହି ସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ଅତି ଭୀଷଣ ବର୍ଷା ମଧ ହୋଇପାରେ ବୋଲି ଆକଳନ କରାଯାଇଛି। ସେହିପରି ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଦିଆଯାଇଛି। ଅନ୍ୟପକ୍ଷରେ ବରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ବୌଦ୍ଧ, ନୟାଗଡ, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।



## ରାଷ୍ଟ୍ରପତିଙ୍କ ୩ ଦିନିଆ ଓଡିଶା ଗସ୍ତ ସ୍ଥଗିତ

ଭୁବନେଶ୍ୱର,୨୧।୧୦(ପି.ଏନ): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୨୩ରୁ ପ୍ରସ୍ତାବିତ ୩ଦିନିଆ ଓଡିଶା ଗସ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି । ଓଡିଶାରେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଜି ରାଷ୍ଟ୍ରପତି ଭବନ ଓ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଅବଗତ କରିବା ପରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨୩ ତାରିଖରେ ୩ ଦିନିଆ ଓଡିଶା ଗସ୍ତରେ ଆସି ମୟୂରଭଞ୍ଜ, ପୁରୀ ଓ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସ୍ଥିରୀକୃତ ହୋଇଥିଲା । ଏଥିପାଇଁ ପ୍ରଶାସନ ପକ୍ଷରୁ ମଧ ପ୍ରସ୍ତୁତି ଶେଷ ହୋଇଥିଲା । କିନ୍ତୁ ସମ୍ଭାବ୍ୟ ବାତ୍ୟାବେଳେ ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତକୁ ନେଇ ପ୍ରଶାସନିକସ୍ତରରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହେବ ଦର୍ଶାଇ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଓ ରାଷ୍ଟ୍ରପତି ଭବନକୁ ଲିଖିତ ଭାବେ ଅବଗତ କରାଯାଇଥିବା ସୂଚନା ମିଳିଛି ।



## ଦିଲ୍ଲୀ ବିସ୍ଫୋରକରେ ମହିଳା ମେକଅପ ପାଉଡରର ବ୍ୟବହାର

ନୂଆଦିଲ୍ଲୀ,୨୧।୧୦(ପି.ଏନ): ଦିଲ୍ଲୀର ରୋହିଣୀ ଅଞ୍ଚଳରେ ଥିବା ସିଆରପିଏଫ ସ୍କୁଲ ବାହାରେ ହୋଇଥିବା ବିସ୍ଫୋରଣଘଟଣାର ତଦନ୍ତ କରୁଥିବା ସୁରକ୍ଷା ଏଜେନ୍ସି ସୋମବାର ଏକ ବଡ଼ ଖୁଲାସା କରିଛନ୍ତି। ବଜାରରେ ମିଳୁଥିବା ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର କରି ବିସ୍ଫୋରକ ପ୍ରସ୍ତୁତ କରାଯାଇଥିଲା । ଏପରିକି ଏଥିରେ ମହିଳାଙ୍କ ମେକଅପ୍ ରେ ବ୍ୟବହୃତ ଏକ ପାଉଡର ମଧ ଥିବା ଦାବି କରାଯାଇଛି। ଘଟଣାସ୍ଥଳରୁ ଉଦ୍ଧାର ହୋଇଥିବା ପାଉଡରରେ ହାଇଡ୍ରୋଜେନ ପେରୋକ୍ସାଇଡ୍, ବେରିୟମ୍ ଓ ନାଇଟ୍ରେଟ୍ ରହିଛି। ଏହି ତିନୋଟି ରାସାୟନିକ ପଦାର୍ଥକୁ ମିଶାଇ ଏକ ଦ୍ରବଣ ସୃଷ୍ଟି କରିବା ଦ୍ୱାରା ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା । ଏହା ମଧ ଉଲ୍ଲେଖ କରାଯାଇଛି ଯେ ଏହି ରାସାୟନିକ ପଦାର୍ଥ ସାଧାରଣତଃ ଖଣି ଏବଂ ସୌନ୍ଦର୍ଯ୍ୟ ଉତ୍ପାଦରେ ବ୍ୟବହୃତ ହୁଏ ।ଘଟଣାସ୍ଥଳରୁ ମିଳିଥିବା ଦ୍ରବଣରେ ତିନୋଟି ପାଉଡରର ପ୍ରମାଣ ମଧ ମିଳିଥିଲା। ଏହି ବିସ୍ଫୋରଣ ପାଇଁ ଯିଏ ସାମଗ୍ରୀ ସଂଗ୍ରହ କରିଥିଲା, ସେ ଏହି ସବୁ ରାସାୟନିକ ପଦାର୍ଥ ବିଷୟରେ ଭଲ ଜ୍ଞାନ ରଖିଥିଲା ବୋଲି ସୁରକ୍ଷା ଏଜେନ୍ସି ସନ୍ଦେହ କରୁଛି। ଏହି ରାସାୟନିକ ପଦାର୍ଥ ଗୁଡ଼ିକ ଶିଳ୍ପ କାର୍ଯ୍ୟରେ ମଧ ବ୍ୟବହୃତ ହେଉଥିବାରୁ ଏହା ସହଜରେ ମିଳିଥାଏ । ଦିଲ୍ଲୀର ଏହି 'ରହସ୍ୟମୟ ବିସ୍ଫୋରଣ'ରେ ଖଲିସ୍ତାନୀ ସ୍ଲିପର ସେଲ୍ ର ସମ୍ପୃକ୍ତି ଥିବା ସୁରକ୍ଷା ଏଜେନ୍ସିମାନେ ସନ୍ଦେହ କରୁଛନ୍ତି ।ବିସ୍ଫୋରଣର ଉଦ୍ଦେଶ୍ୟ ଜୀବନ ହାନି କିମ୍ବା ସମ୍ପତ୍ତି କ୍ଷୟକ୍ଷତି କରିବା ନୁହେଁ, ବରଂ କେବଳ ଏକ ବାର୍ତ୍ତା ଦେବା ଥିଲା ବୋଲି କୁହାଯାଉଛି ।

### ମନ୍ତ୍ରୀ ହେବା ମାତ୍ରେ ରାତିଅଧରେ ବିଦ୍ୟୁତ୍ ବିଲ୍ ପୈଠ କଲେ ଅନିଲ ବିଜ୍

ଚଣ୍ଡିଗଡ଼,୨୧।୧୦(ପି.ଏନ): ହରିୟାଣା ବିଜେପି ନେତା ତଥା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ସରକାରଙ୍କ ମନ୍ତ୍ରୀ ଅନିଲ ବିଜ୍ ପୁଣି ଥରେ ଚର୍ଚ୍ଚାରେ ଅଛନ୍ତି। ଅନିଲ ବିଜ୍ ରବିବାର ରାତିରେ ଶକ୍ତି ବିଭାଗ ପାଇବା ମାତ୍ରେ ଏକ ନିଆରା କାର୍ଯ୍ୟ କରିଥିଲେ। ବିଦ୍ୟୁତ୍ ମନ୍ତ୍ରୀ ହେବାର ୨୭ ମିନିଟ୍ ମଧ୍ୟରେ ସେ ଅନଲାଇନରେ ନିଜର ବକେୟା ବିଦ୍ୟୁତ୍ ବିଲ୍ ପୈଠ କରିଛନ୍ତି ।ପୂର୍ବରୁ ଅନିଲ ବିଜ୍ କହିଥିଲେ କାହାକୁ କେଉଁ ବିଭାଗ ମିଳିବ ତାହା ମୁଖ୍ୟମନ୍ତ୍ରୀ ନିଶ୍ଚିତ କରିବେ। ସେ କହିଥିଲେ ତାଙ୍କୁ ଯେ କେ ?ଣସି ମନ୍ତ୍ରଣାଳୟର ମନ୍ତ୍ରୀ କରାଯାଉ କିଛି ଚିନ୍ତା ନାହିଁ। କାରଣ ସରକାର ହେଉଛି ବିଜେପିର। ସେ କହିଛନ୍ତି ଯେ, ରବିବାର ରାତିରେ କେହି ଜଣେ ତାଙ୍କ ପାଖକୁ ହ୍ୱାଟସ୍ ଆପ୍‌ରେ ଗେଜେଟ୍ ବିଜ୍ଞପ୍ତି ପଠାଇଥିଲେ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୧ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ପୁଲିସକୁ ବଡ ସଫଳତା, ଏନ୍‌କାଉଣ୍ଟର୍‌ରେ ୪ ନକ୍ସଲ ସଫା

ଭୁବନେଶ୍ୱର,୨୧।୧୦(ପି.ଏନ): ପୁଲିସକୁ ମିଳିଲା ବଡ ସଫଳତ। ମହାରାଷ୍ଟ୍ରର ଗଡଚିରୋଲିରେ ପୁଲିସ ଓ ନକ୍ସଲ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ପୁଲିସ ଗୁଳିରେ ୪ ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି ।ଗଡଚିରୋଲିର ଛତିଶଗଡ ସୀମାନ୍ତ ଅଞ୍ଚଳରେ ଉ୬୦ କମାଣ୍ଡୋ ଓ ନକ୍ସଲ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ଏଥିରେ ୩ରୁ ୪ ନକ୍ସଲ ନିହତ ହୋଇଥିବା କୁହାଯାଇଛି। ସେହିପରି ନକ୍ସଲ ଗୁଳିରେ ଜଣେ ପୁଲିସକର୍ମୀ ମଧ ଆହତ ହୋଇଥିବା ସୂଚନା ମିଳିଛି।



## ବାତ୍ୟା ପାଇଁ ବଡ ନିଷ୍ପତ୍ତି:ଏନଆରଟିଏସ୍ ଓ ପ୍ରାଥମିକ ବୃତ୍ତି ପରୀକ୍ଷା ଘୁଞ୍ଚିଲା

ଭୁବନେଶ୍ୱର୨୧।୧୦(ପି.ଏନ): ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରି-ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଗତକାଲି ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି) ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ବାତ୍ୟା ଉପରେ ସୂଚନା ଜାରି କରିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ବାତ୍ୟାକୁ ନେଇ ସମୀକ୍ଷା ବୈଠକ କରିଥିଲେ । ବାତ୍ୟା ପାଇଁ ଅଗ୍ନିଶମ, ଓଡ୍ରାଫ, ଏନଡିଆରଏଫ ଟିମ୍ ପ୍ରସ୍ତୁତ କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ । ଅନ୍ୟପଟେ ବାତ୍ୟାର ଗତିପଥକୁ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସୂଚନା ଜାରି କରିବା ସହ ବାତ୍ୟା ଉତ୍ତର-ଓଡିଶାରେ ମାଡ ହେବାର ସମ୍ଭାବନା ରହିଥିବା ଅନୁମାନ କରିଛି ।ତେବେ ଏହା ମଧ୍ୟରେ ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାର ଏକ ବଡ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସମ୍ଭାବ୍ୟ ବାତ୍ୟା ପାଇଁ ବୃତ୍ତି ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି । ଅକ୍ଟୋବର ୨୩ ଓ ୨୫ ତାରିଖରେ ହେବାକୁ ଥିବା ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା (ଏନଆରଟିଏସ) ପରୀକ୍ଷା ଓ ପ୍ରାଥମିକ ବୃତ୍ତି ପରୀକ୍ଷା ତାରିଖ ଘୁଞ୍ଚିଛି । ପରୀକ୍ଷା କେବେ କେବେ ହେବ ସେନେଇ ପରବର୍ତ୍ତୀ ସମୟରେ କଟକ ସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଧ (ବିଏସଇ) ତରଫରୁ ସୂଚନା ଜାରି କରାଯିବ ।ସୂଚନାଯୋଗ୍ୟ ଯେ, ଏନଆରଟିଏସ ପରୀକ୍ଷା ମାଧ୍ୟମିକ ଶିକ୍ଷା ପରିଷଦର ଅଫିସିଆଲ ୱେବସାଇଟରେ ଉପଲବ୍ଧ ହେଉଥିବା ନେଇ ନିକଟରେ ବୋର୍ଡ ପକ୍ଷରୁ ସୂଚନା ଜାରି କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟମନ୍ତ୍ରୀ ୱେବସାଇଟରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ପଞ୍ଜିକୃତ ପ୍ରାର୍ଥୀଙ୍କ ପାଇଁ ଜାରି କରିବେ ବୋଲି କୁହାଯାଇଥିଲା ।

## ପରିବେଶରେ ଆର୍ସେନିକ୍ ଉପରେ ୯ମ ଅନ୍ତର୍ଜାତୀୟ କଂଗ୍ରେସ
## ଅଚ୍ୟୁତ ସାମନ୍ତଙ୍କୁ ଜୀବନବ୍ୟାପୀ ସଦସ୍ୟ ସମ୍ମାନ

ଭୁବନେଶ୍ୱର,୨୧।୧୦: କିଟ୍ ବିଶ୍ୱବିଦ୍ୟାଳୟରେ ଆଜି ପରିବେଶରେ ଆର୍ସେନିକ୍ ଉପରେ ୯ମ ଅନ୍ତର୍ଜାତୀୟ କଂଗ୍ରେସ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଚାରିଦିନଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ୫୦ଟି ଦେଶରୁ ୧୦୦ରୁ ଊର୍ଦ୍ଧ ପ୍ରତିନିଧିଙ୍କ ସମେତ ୪୦୦ ପ୍ରତିନିଧି ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ବହୁ ବୈଜ୍ଞାନିକ,ଗବେଷକ ଓ ଖ୍ୟାତିସମ୍ପନ୍ନ ପ୍ରଫେସର ଅନ୍ତର୍ଭୁକ୍ତ। ପ୍ରଥମଥର ଲାଗି ଏହି ସମ୍ମାନଜନକ କଂଗ୍ରେସ ଭାରତରେ ଅନୁଷ୍ଠିତ ହେଉଛି। ଏହି କଂଗ୍ରେସର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାନାଡ଼ାର ୱାଟରଲୁ ବିଶ୍ୱବିଦ୍ୟାଳୟର ହାଇଡ୍ରୋଜିଓଲଜି ବିଭାଗ ପ୍ରଫେସର ଇମିରଟସ୍ ଜନ୍ ଚେରି ଭୂତଳଜଳ ପରିଚାଳନା ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଭୂତଳଜଳ ହେଉଛି ଆମ ପରିବେଶର ଅନ୍ୟତମ ଜଟିଳ ଉପାଦାନ ଏବଂ ଆର୍ସେନିକ୍ ସଙ୍କଟ ହେଉଛି ମାନବତାର ନିଜସ୍ୱ ବିଫଳତାର ପରିଣାମ। ଏହି ଚାଲେଞ୍ଜର ମୁକାବିଲା ପାଇଁ ସତର୍କତା ଓ ସର୍ଜନା ନିମନ୍ତେ ସେ ପରାମର୍ଶ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାରପ୍ରାପ୍ତ ତଥା ଆଇଆଇଟି ଖଡ଼ଗପୁରର ପ୍ରଫେସର ଅଭିଜିତ୍ ମୁଖାର୍ଜୀ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣରେ ଜଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମସ୍ତ ସ୍ଥାୟୀ ବିକାଶ ଲକ୍ଷ୍ୟର ମୂଳ ଆଧାର ହେଉଛି ଜଳ। ତେଣୁ ଜଳ ପ୍ରଦୂଷଣର ମୁକାବିଲା ସହ ସ୍ୱଚ୍ଛ ଜଳ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ। କେନ୍ଦ୍ରୀୟ ଭୂତଳଜଳ ବୋର୍ଡ଼ର ପୂର୍ବତନ ସଦସ୍ୟ ପ୍ରଫେସର ଦୀପଙ୍କର ଶାହା କହିଲେ, ସମଗ୍ର ବିଶ୍ୱରେ ଭାରତ ହେଉଛି ସର୍ବାଧିକ ଭୂତଳଜଳ ଉତ୍ତୋଳନକାରୀ ଦେଶ। ଭାରତ ବର୍ଷକୁ ୨୫୦ ଘନ କିଲୋମିଟର ଭୂତଳ ଜଳ ଉତ୍ତୋଳନ କରୁଛି। ତେଣୁ ଆଗକୁ ଦେଶରେ ଭୂତଳଜଳ ଉତ୍ତୋଳନ ଏବଂ ଦୂଷିତ ଜଳ ଏକ ଭୟଙ୍କର ସମସ୍ୟା ଭାବେ ଉଭା ହେବ ବୋଲି ସେ ସତର୍କ କରାଇ ଦେଇଥିଲେ। ଏହି କଂଗ୍ରେସ ଆୟୋଜନ କମିଟି ଅଧକ୍ଷ ତଥା ସ୍ୱିଡ଼େନ୍‌ର କେଟିଏଚ୍ ରୟାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ପ୍ରଫେସର ପ୍ରସୂନ ଭଟ୍ଟାଚାର୍ଯ୍ୟ କହିଲେ, ଏହି କଂଗ୍ରେସ ପରିବେଶ ସମ୍ପର୍କିତ ଜରୁରୀ ଚାଲେଞ୍ଜର ମୁକାବିଲା ପାଇଁ ସହାୟକ ହେବା ସହ ଏନେଇ ବ୍ୟାପକ ଭାବ ବିନିମୟର ସୁଯୋଗ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ବର୍ତ୍ତମାନ ସମୟରେ ଏଭଳି ସମ୍ମିଳନୀ ଆୟୋଜନ କରିବାର ଯଥେଷ୍ଟ ଗୁରୁତ୍ୱ ରହିଛି। ଦୂଷିତ ଜଳ ଏକ ଗମ୍ଭୀର ପ୍ରସଙ୍ଗ ହୋଇଥବା ବେଳେ ପ୍ରଦୂଷଣ ମାତ୍ରା ବଢ଼ିଚାଲିଛି। ଏସବୁ ଭିତରେ ଭାରତ ବିକାଶ ପଥରେ ଆଗେଇ ଚାଲିଛି। ତେବେ ଭବିଷ୍ୟତ ପିଢ଼ି ପାଇଁ ଏହି ସମସ୍ୟା ଭୟଙ୍କର ହେବ ବୋଲି ସେ କହିଥିଲେ। ପରିବେଶ ସୁରକ୍ଷା ଓ ସବୁଜ ଶକ୍ତି ଦିଗରେ କିଟ୍ ଓ କିସ୍ ନିରନ୍ତର କାର୍ଯ୍ୟ କରିଆସୁଛି ବୋଲି ଶ୍ରୀ ସାମନ୍ତ କହିଥିଲେ। କିଟ୍ ଓ କିସ୍‌ର ସମସ୍ତ କ୍ୟାମ୍ପସ୍‌ରେ ସବୁଜ ବଳୟ ସୃଷ୍ଟି କରାଯାଇଥିବା ବେଳେ ସୌରଶକ୍ତି ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଏହି ଅବସରରେ ଇଣ୍ଟରନ୍ୟାସନାଲ୍ ସୋସାଇଟି ଅଫ ଗ୍ରାଉଣ୍ଡୱାଟର ଫର୍ ସସ୍ଟେନେବଲ୍ ଡ଼େଭଲପମେଣ୍ଟ(ଆଇଏସ୍‌ଜିଏସ୍‌ଡ଼ି) ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଜୀବନବ୍ୟାପୀ ସଦସ୍ୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଶିକ୍ଷା ଓ ପରିବେଶ କ୍ଷେତ୍ରରେ ସ୍ଥାୟୀ ବିକାଶରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସବୁଜ କ୍ୟାମ୍ପସ ପ୍ରୟାସ ନିମନ୍ତେ କିଟ୍ ବିଶ୍ୱବିଦ୍ୟାଳୟକୁ ଗ୍ରୀନ୍ କ୍ୟାମ୍ପସ୍ ପୁରସ୍କାର-୨୦୨୪ରେ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର ଜଳ ଗବେଷଣା ଓ ଜଳବାୟୁ ପରିବର୍ତ୍ତନ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା।



## ସମ୍ଭାବ୍ୟ ବାତ୍ୟା 'ଦାନା' ଯୋଗୁ ପ୍ରଭାବିତ ହୋଇପାରନ୍ତି ଏହି ସବୁ ଜିଲ୍ଲା; ରେଡ୍, ଅରେଞ୍ଜ ଓ ୟେଲୋ ଓ୍ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୧।୧୦(ପି.ଏନ): ସମ୍ଭାବ୍ୟ ବାତ୍ୟା 'ଦାନା' ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ମଧ୍ୟରେ ଓଡିଶାର ପୁରୀ ଓ ପଶ୍ଚିମବଙ୍ଗର ସାଗର ଦୀପପୁଞ୍ଜ ମଧ୍ୟରେ ଉପକୂଳକୁ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକ ସହିତ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଅଳ୍ପ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହୋଇପାରେ। ଏମିତିକି ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିମି ରହିପାରେ ବୋଲି ପୂର୍ବାନୁମାନ କରାଯାଇଛି ।ଆଇଏମ୍ ?ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ସମ୍ଭାବ୍ୟ ବାତ୍ୟା ଦାନା ଏବେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ଭାବେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବସ୍ଥିତ ଅଛି। ଏହା ଆସନ୍ତାକାଲି ସକାଳ ସୁଦ୍ଧା ଅବପାତରେ ଓ ୨୩ ତାରିଖରେ ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହେବ। ଏକ ସିଭିୟର ସାଇକ୍ଲୋନିକ ଷ୍ଟର୍ମ ଭାବେ ଏହା ୨୪ ତାରିଖ ସକାଳେ ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବ। ତା'ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ମଧ୍ୟରେ ଓଡିଶାର ପୁରୀ ଓ ପଶ୍ଚିମବଙ୍ଗର ସାଗର ଦୀପପୁଞ୍ଜ ମଧ୍ୟରେ ଉପକୂଳକୁ ଅତିକ୍ରମ କରିବ। ଯେତେବେଳେ ଏହା ଉପକୂଳ ଅତିକ୍ରମ କରିବ, ସେତେବେଳେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିଲୋମିଟର ରହିବାର ସମ୍ଭାବନା ରହିଛି। ୨୫ ତାରିଖ ଯାଏ ସମୁଦ୍ର ଅଶାନ୍ତ ରହିବ। ଓଡିଶା ଉପକୂଳରେ ୨୩ ତାରିଖରୁ ବର୍ଷା ଆରମ୍ଭ ହୋଇପାରେ। କିନ୍ତୁ ୨୪ ଓ ୨୫ ତାରିଖରେ ସବୁଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ପୁରୀ, ଖୋର୍ଦ୍ଧା (ଭୁବନେଶ୍ୱର ସମେତ), ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାଗୁଡିକ ପାଇଁ ବିଶେଷ ଭାବେ ସୂଚନା ଦିଆଯାଇଛି। ଏହି ଜିଲ୍ଲାଗୁଡିକରେ ୨୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆଉ ଅଳ୍ପ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୫ ତାରିଖରେ ମଧ ଏହି ସବୁ ଜିଲ୍ଲାଗୁଡିକରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକରେ ପବନର ବେଗ ଘଣ୍ଟାପ୍ରତି ସର୍ବାଧିକ ୧୦୦ରୁ ୧୨୦ କିମି ରହିବ। ବିଶେଷତଃ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଜଗତସିଂହପୁର ଆଦି ଜିଲ୍ଲାରେ ଅଧିକ ପବନ ହେବ ।ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆଜି ଯେଉଁ ରେଖାଙ୍କିତ ଚିତ୍ର ଦ୍ୱାରା ବାତ୍ୟାର ଗତିପଥ କିପରି ରହିବ ବୋଲି ପୂର୍ବାନୁମାନ କରିଛୁ, ତାହା ୪ ଦିନ ତଳର ପୂର୍ବାନୁମାନ। ତେଣୁ ଏଥିରେ ଟିକେ ଏପଟ ସେପଟ ହୋଇପାରେ। କିନ୍ତୁ ଏହା ହେଉଛି ସବୁଠୁ ଅଧିକ ସମ୍ଭାବ୍ୟ ଗତିପଥ। ଏହା (ଦାନା)କୁ ଆମେ ଏକ ସିଭିୟର ସାଇକ୍ଲୋନିକ ଷ୍ଟର୍ମ କହୁଛୁ। କାରଣ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିମି ରହିବ। ଅର୍ଥାତ୍ ଏହା ହେଉଛି ପ୍ରବଳ ବାତ୍ୟାର ପବନ। ପବନର ବେଗ ଘଣ୍ଟା ପ୍ରତି ୯୦ କିମି ପ୍ରବାହିତ ହେଲେ ଏହାକୁ ବାତ୍ୟା କୁହାଯାଏ। ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୨୦ କିମି ଭିତରେ ରହିଲେ, ଏହାକୁ ପ୍ରବଳ ବାତ୍ୟା (ସିଭିୟର ସାଇକ୍ଲୋନିକ ଷ୍ଟର୍ମ) କୁହାଯାଏ। ପବନର ବେଗ ଘଣ୍ଟା ପ୍ରତି ୧୨୦ରୁ ୧୬୦ କିମି ହେଲେ, ଏହାକୁ ଅତି ପ୍ରବଳ ବାତ୍ୟା କୁହାଯାଏ। ପବନର ବେଗ ଘଣ୍ଟା ପ୍ରତି ୧୬୦ରୁ ୨୨୦ କିମି ରହେ, ଏହାକୁ ଅତ୍ୟନ୍ତ ପ୍ରବଳ ବାତ୍ୟା କୁହାଯାଏ। ପବନର ବେଗ ଘଣ୍ଟା ପ୍ରତି ୨୨୦ରୁ ଅଧିକ ହେଲେ, ଏହାକୁ ମହାବାତ୍ୟା କୁହାଯାଇଥାଏ ।ସାଧାରଣତଃ ବାତ୍ୟା ଉପକୂଳ ଅତିକ୍ରମ କଲେ ସମୁଦ୍ରରେ ଜୁଆର ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଜୁଆର କେତେ ଉଚ୍ଚ ଉଠିବ, ସେ ନେଇ ପୂର୍ବାନୁମାନ ଜାରି କରାଯାଇନାହିଁ। ତା'ର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଅବପାତ ସୃଷ୍ଟି ହୋଇନାହିଁ। ଅବପାତ ସୃଷ୍ଟି ହେଲା ପରେ ଜୁଆର କେତେ ଉଚ୍ଚକୁ ଉଠିବ, ସେ ନେଇ ପୂର୍ବାନୁମାନ କରାଯିବ ବୋଲି କହିଛନ୍ତି ଆଇଏମ୍‌ଡି ଡିଜି।



## ଲୋକଙ୍କୁ ଘାରିଲାଣି ଏହି ଚିନ୍ତା; କାହିଁକି ପୁରୀ ଛାଡ଼ି ଚାଲି ଯିବାକୁ ନିର୍ଦ୍ଦେଶ ଦେଲେ ସରକାର !

ଭୁବନେଶ୍ୱର,୨୧।୧୦(ପି.ଏନ): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୨୪ ଓ ୨୫ ତାରିଖ ଭକ୍ତଙ୍କୁ ପୁରୀ ଯିବାକୁ ମନା କରାଯାଇଛି । ଆଗକୁ ଆସୁଥିବା ଭକ୍ତ ମାନଙ୍କୁ ବାରଣ କରାଯିବ । ଯେଉଁମାନେ ପୁରୀ ବାହାରୁ ଆସିଛନ୍ତି ସେମାନଙ୍କୁ ପୁରୀ ଛାଡିବାକୁ କୁହାଯିବ । ଆଉ ଯେଉଁମାନେ ରହିବେ ସେମାନଙ୍କୁ ସୁରକ୍ଷୀତ ସ୍ଥାନକୁ ସ୍ଥାନାନ୍ତର କରାଯିବ । ଯେପରି ବାତ୍ୟା ପାଇଁ ବାହାର ପର୍ଯ୍ୟଟକଙ୍କର କୌଣସି କ୍ଷତି ନ ହେବ, ସେସବୁକୁ ଦୃଷ୍ଟିରେ ରଖି ସରକାର ଏପରି ନିଷ୍ପତି ନେଇଛନ୍ତି ।ଏପରିକି ପୁରୀରେ ଥିବା ହବିଷ୍ୟାଳିଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ସୁରେଶ ପୂଜାରୀ । ସେପଟେ ଗଭୀର ସମୁଦ୍ରରୁ କୂଳକୁ ଫେରି ଆସିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ । ଏହି ଉଦ୍ଦେଶ୍ୟରେ ଆଜି ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ସମୁଦ୍ର ମଝିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରାଯାଉଛି ।ବାତ୍ୟା ଆସିବାକୁ ଥିବାରୁ ମତ୍ସ୍ୟଜୀବୀଙ୍କୁ ତୁରନ୍ତ କୂଳକୁ ଫେରି ଆସିବାକୁ ନିବେଦନ କରୁଛନ୍ତି କୋଷ୍ଟଗାର୍ଡ ଯବାନ ।

## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିଲା

ଭୁବନେଶ୍ୱର,୨୧।୧୦(ପି.ଏନ): ବଢ଼ିଲା ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା। ସେମାନଙ୍କ ମହଙ୍ଗା ଭତ୍ତାକୁ ୩ ପ୍ରତିଶତ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଫଳରେ ସେମାନଙ୍କ ମହଙ୍ଗା ଭତ୍ତା ୫୦ ପ୍ରତିଶତରୁ ୫୩ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ଜୁଲାଇ ୨୦୨୪ରୁ ପିଛିଲା ଭାବେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ ।ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟିଆଇରେ ମଧ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ୭ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢ଼ିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଚିକିତ୍ସା ବିଜ୍ଞାନରେ ଗୁଡ଼ର ଆବଶ୍ୟକତା

ଆଜିର କରୋନା ମହାବିଭୀଷିକା ସମୟରେ ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ଓ ଶରୀରର ରକ୍ତ ବୃଦ୍ଧି ସହ ଶାରୀରିକ ପ୍ରତିପୋଷଣ ନିମିତ୍ତ ଗୁଡ଼କୁ ବେଶୀ ଆଦର କରୁଛନ୍ତି । ଗତବର୍ଷ ଠାରୁ କରୋନା ଦେଖାଯିବା ପୂର୍ବରୁ ଗୁଡ଼ର ବ୍ୟବହାର ଓ ବିକ୍ରିବଟା ସେତେଟା ରହିନଥିଲା କିନ୍ତୁ ଏହି କରୋନା ହିଁ ଗୁଡ଼ର ବ୍ୟବହାରକୁ ଦେଖାଇଦେଲା । ବିଭିନ୍ନ ରୋଗରେ ଗୁଡ଼ର ପ୍ରୟୋଗ ରହିଛି । ଧରନ୍ତୁ ଜଣେ ଭଦ୍ରବ୍ୟକ୍ତିଙ୍କର ପାକସ୍ଥଳୀରେ ଗୋଟିଏ ମାଂସ ବୃଦ୍ଧି ହେଲା । ହୃତ୍ପିଣ୍ଡର ପରଦା ସବୁ କଠିନ ହୋଇଗଲା, ଶ୍ୱାସ ଯନ୍ତ୍ରର ନଳୀସବୁ ରୁଦ୍ଧ ହୋଇଗଲା । ଅଜୀର୍ଣ୍ଣ ହେଲା, ଝାଡ଼ା ସଫା ହେଲା ନାହିଁ । ଦାନ୍ତ ମାଢ଼ି ପାଚିଲା, ମୁଣ୍ଡରେ ପାଣି ଜମିବା ଓ ସ୍ନାୟୁ ବିଭାଗ ଦୁର୍ବଳ ହୋଇଗଲା, ଓଜନ କମି ଆସିଲା ଓ କେଶ ପାଚି ଧଳା ପଡ଼ିଗଲା । ବିଶେଷଜ୍ଞମାନଙ୍କ ମଧ୍ୟରୁ ପରାମର୍ଶ କ୍ରମେ ଔଷଧ ଖାଇ ମଧ୍ୟ ବିଶେଷ ଫଳ ମିଳି ନଥିଲା । ସେ ତାଙ୍କର ଜଣେ ପଡ଼ୋଶୀ ଠାରୁ ଡାକ୍ତର ସିରିଲ ସ୍କଟଙ୍କ ଗୁଡ଼ ଚିକିତ୍ସା ଶୁଣିବାକୁ ପାଇ ସେହି ଚିକିତ୍ସାର ଆଶ୍ରୟ ନେଲେ । କିଛିଦିନ ପରେ ତାଙ୍କ ପାକସ୍ଥଳୀରେ ହୋଇଥିବା ମାଂସବୃଦ୍ଧି ମିଳାଇ ଯିବା ସଙ୍ଗେ ସଙ୍ଗେ ତାଙ୍କର ଧଳା କେଶ କଳା ପଡ଼ିଯାଇଥିଲା । ସେହିପରି ଜରାୟୁରେ ମାଂସବୃଦ୍ଧି, ସ୍ତନରେ ମାଂସବୃଦ୍ଧି, ପାକସ୍ଥଳୀରେ ମାଂସବୃଦ୍ଧି, କିଡ଼ନୀରେ ମାଂସବୃଦ୍ଧି ଇତ୍ୟାଦି । ମାଂସବୃଦ୍ଧିରେ ଘା' ହୋଇଥିଲେ ମଧ୍ୟ ଗୁଡ଼ ଚିକିତ୍ସାରେ ଆରୋଗ୍ୟ ଲାଭ କରିଥିବା ଦେଖାଯାଇଛି । ଅନେକ ହୁଏତ ଜାଣିନାହାଁନ୍ତି ଆଣ୍ଠୁ ଗଣ୍ଠି ବାତ ଓ କ୍ୟାନସର ପ୍ରାୟ ଏହି କାରଣରୁ ହୋଇଥାଏ । ଶରୀରରେ ପୋଟାସିୟମ ଲବଣର ଅଭାବ କ୍ୟାନସରର ମୁଖ୍ୟ କାରଣ । ମାଟିତଳେ ଯାଇଥିବା ଝରଣା ବା ଟ୍ରେନ ଉପରେ ବାସ କଲେ ବା ମାଟିତଳେ ଯାଇଥିବା ଦୁଇଟି ଜଳସ୍ରୋତ ପରସ୍ପରକୁ କାଟି ଥିବା ଛକ ଉପରେ ବାସକଲେ, ବାସ କରୁଥିବା ଅଧିବାସୀ ମାନଙ୍କୁ କ୍ୟାନସର ହେବାର ସମ୍ଭାବନା ଥାଏ । ପୋଟାସିୟମ ଲବଣ ରକ୍ତରେ ମିଳିବା ବା ଅବସ୍ଥାରେ ଖାଇବାକୁ ଦେଇ କ୍ୟାନସର ରୋଗୀଙ୍କୁ ଆରୋଗ୍ୟ କରିଥିବା କଥା ଡାକ୍ତର ଫୋର୍ଟର ରସ୍ ଦର୍ଶାଇଛନ୍ତି । ଗୁଡ଼ରେ ପ୍ରଚୁର ପରିମାଣରେ ପୋଟାସିୟମ ଥିବାରୁ କ୍ୟାନସର ରୋଗଗ୍ରସ୍ତ ବ୍ୟକ୍ତି ବିଶେଷଙ୍କୁ ଗୁଡ଼ ଖାଇବାକୁ ଦେବା ଉଚିତ । ଆଉ ଗୋଟିଏ କ୍ଷେତ୍ରରେ ଦେଖନ୍ତୁ, ଦୁଷ୍ଟିତା ଆଣ୍ଠୁଗଣ୍ଠି ରୋଗ ପ୍ରତି କ୍ଷତିକାରକ । ଅନେକ ଆରୋଗ୍ୟ ଲାଭ କଲାପରେ ଚିନ୍ତାଗ୍ରସ୍ତ ହେଲେ ଏହି ରୋଗ ପୁଣି ଆକ୍ରମଣ କରିବାର ଦେଖାଯାଏ । ଶରୀରରେ ଥିବା ପୋଟାସିୟମ ଲବଣ ଚିନ୍ତା ଯୋଗୁଁ କ୍ଷୟ ହୋଇଥାଏ । ଆଖୁରୁ ପ୍ରସ୍ତୁତ ଗୁଡ଼ରେ ଅନ୍ୟାନ୍ୟ ଫସ୍ଫେଟ ସହ ପ୍ରଚୁର ଲୌହ । ଏଥିରେ ପୋଟାସିୟମ ମଧ୍ୟ ଥାଏ । ଗୁଡ଼ରେ ଥିବା ଲୌହ ରକ୍ତରେ ଦହନ କ୍ରିୟାରେ ସାହାଯ୍ୟ କରିଥାଏ । ଚର୍ମ ରୋଗରେ ମଧ୍ୟ ଗୁଡ଼ ଚିକିତ୍ସା ବିଶେଷ ଫଳପ୍ରଦ । ଉଦାହରଣ ବଶତଃ ଭଦ୍ର ବ୍ୟକ୍ତିଙ୍କର ହାତ ଦୁଇଟି ଫୁଲିଯାଇ ନାଲି ଦେଖା ଯାଉଥିଲା । ସେ ଗୁଡ଼ ପାଣିରେ ଦୈନିକ କିଛିଦିନ ଧରି ହାତ ବୁଡ଼ାଇବା ଫଳରେ ଆରୋଗ୍ୟ ଲାଭ କଲେ । ସ୍ଥାୟୀ ଆରୋଗ୍ୟ ପାଇଁ ଚର୍ମ-ରୋଗ-ଗ୍ରସ୍ତ ବ୍ୟକ୍ତି ଆକ୍ରାନ୍ତ ସ୍ଥାନକୁ ଗୁଡ଼ ପାଣିରେ ଧୋଇବା ସଙ୍ଗେ ସଙ୍ଗେ ଦୈନିକ ଗୁଡ଼ ଖାଇବା ଉଚିତ । ଆଜିର ସମୟ ଦେଖନ୍ତୁ, କୋଷ୍ଠ କାଠିନ୍ୟ ଆଜିକାଲି ସମାଜର ଏକ ମୁଖ୍ୟ ରୋଗ । ଅସାର ଖାଦ୍ୟ ଭକ୍ଷଣ, ଯାନବାହାନ ଚଳାଚଳ ଯୋଗୁଁ ବ୍ୟାୟାମର ଅଭାବ କୋଷ୍ଠ କାଠିନ୍ୟର ମୁଖ୍ୟ କାରଣ । ଝାଡ଼ା ସଫା କରିବା ପାଇଁ ଆଜିକାଲି ଅନେକ ଔଷଧ ବାହାରିଲାଣି । ସେଗୁଡ଼ିକ ସାମୟିକ ବ୍ୟବହାର ଫଳରେ ପରିପାକ ଯନ୍ତ୍ର ସ୍ୱତଃ କାର୍ଯ୍ୟକ୍ଷମ ଶକ୍ତି ହରାଏ । ଫଳରେ ହଜମ କ୍ରିୟାରେ ବ୍ୟାଘାତ ସୃଷ୍ଟି ହୋଇ କୋଷ୍ଠ କାଠିନ୍ୟ ଦେଖାଦିଏ । ଧଳା ରୁଟି, ସିଝାମାଂସ ଓ ସିଝା ପରିବାରେ ଶରୀର ପାଇଁ ଉପଯୋଗୀ ଲବଣ ନଷ୍ଟ ହୋଇଯାଇଥାଏ । ଗୁଡ଼ ଖାଇବା ଫଳରେ ଗୁଡ଼ରେ ଥିବା ଲବଣ ପରିପାକ ଯନ୍ତ୍ରର ମାଂସପେଶୀକୁ କାର୍ଯ୍ୟକ୍ଷମ ହେବା ସଙ୍ଗେ ସଙ୍ଗେ ଏଥିରେ ଥିବା ଲକ୍ଷଣ ହଜମକ୍ରିୟାରେ ସାହାଯ୍ୟ କରିଥାଏ । ପିତ୍ତ ମୁଣାରେ ପଥୁରୀରେ ଗୁଡ଼ ଚିକିତ୍ସା ମଧ୍ୟ କାର୍ଯ୍ୟ କରିଥାଏ । ସକାଳେ ସନ୍ଧ୍ୟାରେ ଗୁଡ଼ ଖାଇବା ବ୍ୟତୀତ ଦିନକୁ ୩ ବା ୪ ଚାମଚ ଅଲିଭ ତେଲ ଖାଇବା ଉଚିତ । ପଥୁରୀ ନ ହେବା ପାଇଁ ଦୈନିକ ଖାଦ୍ୟ ସହିତ ଗୁଡ଼ ଖାଇବା ଉଚିତ । ଚିନି ଖାଇବା ଫଳରେ ଅମ୍ଳ ସୃଷ୍ଟି ହୋଇଥାଏ । ଏହି ଅମ୍ଳ ଆଣ୍ଠୁଗଣ୍ଠି ବାତର ଏକ ମୁଖ୍ୟ କାରଣ । ଚିନି ମଧ୍ୟ ଦାନ୍ତର ଅନିଷ୍ଟ କରିଥାଏ । ସେଥିପାଇଁ ଦନ୍ତକ୍ଷୟ (ଦାନ୍ତ ପୋକ ଖାଇବା) ରୋଗୀକୁ ଡାକ୍ତର ଚିନି କିମ୍ବା ମିଠା ଖାଇବାକୁ ମନା କରନ୍ତି । ଗୁଡ଼ ଚିନିର ବିପରୀତ ବ୍ୟବହାର ପ୍ରଦର୍ଶନ କରିଥାଏ । ଗୁଡ଼ ଖାଇବା ଫଳରେ ଆଣ୍ଠୁଗଣ୍ଠି ବାତ ଆରୋଗ୍ୟ ହେବା ସଙ୍ଗେ ସଙ୍ଗେ ଦାନ୍ତକୁ ମଧ୍ୟ ରକ୍ଷା କରିଥାଏ । ଗୁଡ଼ରେ ଜୀବାଣୁ ନାଶକ ଧର୍ମ ଥିବାରୁ ଏଥିରେ ଜୀବାଣୁ ରହିପାରନ୍ତି ନାହିଁ । ଏତଦ୍‌ବ୍ୟତୀତ ଗୁଡ଼ ପାକସ୍ଥଳୀ ବା ଅନ୍ତନାଳୀରେ ଥିବା କ୍ଷତିକାରକ ଜୀବାଣୁ ମାନଙ୍କୁ ମାରି ଦେଇଥାଏ । ଟିକାନେବା ଫଳରେ ଯେପରି ବସନ୍ତ, ଆନ୍ତ୍ରିକଜର, କଣ୍ଠ ଆଳତି ପ୍ରଭୃତି ପ୍ରତିରୋଧ କରାଯାଇପାରେ, ଗୁଡ଼ ଖାଇବା ଫଳରେ ସେହିପରି ଏସବୁକୁ ପ୍ରତିରୋଧ କରାଯାଇପାରେ । ଏତଦ୍ ବ୍ୟତୀତ ଗୁଡ଼ ଖାଉଥିବା ବ୍ୟକ୍ତିକୁ ସହଜରେ ଅନ୍ୟାନ୍ୟ ରୋଗ ଧରେ ନାହିଁ । ଗୁଡ଼ରେ ଥିବା ଖାଦ୍ୟ ପ୍ରାଣ ଓ ଅନ୍ୟାନ୍ୟ ଧାତବ ଲବଣ ରକ୍ତରେ ମିଶିବା ଫଳରେ ଶରୀର ସୁସ୍ଥ ରହିବା ଯୋଗୁଁ ଏପରି ସମ୍ଭବ ହୋଇଥାଏ । ଦୀର୍ଘଦିନ ବାଗୀ, ହୃଦ୍‌ଯନ୍ତ୍ର ବନ୍ଦ କିମ୍ବା କର୍କଟ ରୋଗରେ ପଡ଼ିଥିବା ବ୍ୟକ୍ତିକୁ ଯଦି ନିର୍ଦ୍ଦିଷ୍ଟ ପରିମାଣ ଗୁଡ଼ ଖାଇବାକୁ ଦିଆଯାଏ ତେବେ ତାର ଧଳା ପଡ଼ିଯାଇଥିବା କେଶ ଗୁଡ଼ିକ ପ୍ରଥମେ କଳା ପଡ଼ିଯିବାର ଦେଖାଯାଏ । ମୁଣ୍ଡର ସାମନା ଦୁଇପଟ ଓ ପଶ୍ଚାତ ଭାଗର କେଶ ଶୀଘ୍ର କଳା ପଡ଼ିବାର ଦେଖାଯାଏ । ଥଣ୍ଡା ଜଳ ପାକସ୍ଥଳିକୁ ଶୀତଳ କରିବା ସଙ୍ଗେ ମୂତ୍ର ଯନ୍ତ୍ରର କ୍ଷତି ସାଧନ କରିଥାଏ । ବୟସ ନିର୍ବିଶେଷରେ ଯେ କେହି ବ୍ୟକ୍ତି ଗୁଡ଼କୁ କ୍ଷୀର ସହିତ ଖାଇପାରେ । ଏହାକୁ ଯେ କୌଣସି ଖାଦ୍ୟ ଓ ଜଳଖିଆ ସହିତ ଖିଆ ଯାଇପାରେ । ଅନ୍ତନାଳୀରେ ମାଂସବୃଦ୍ଧିରେ ବା ବୃହଦନ୍ତ୍ରର ପ୍ରଦାହ ବା ଘାରେ ଗୁଡ଼ ପାଣିକୁ ଡୁସ ରୂପେ ବ୍ୟବହାର କରାଯାଇପାରେ । ବାହ୍ୟ ମାଂସବୃଦ୍ଧିରେ ଘାରେ ବା କ୍ଷତରେ ଗୁଡ଼ ଖାଇବା ସଙ୍ଗେ ସଙ୍ଗେ ଗୁଡ଼ ପାଣିକୁ ପଟିରେ ବ୍ୟବହାର କରାଯାଇପାରେ । ମଲମ ରୂପେ ଗୁଡ଼ର ସମକକ୍ଷ ଅନ୍ୟ କୌଣସି ପଦାର୍ଥ ନାହିଁ । କଳା ଦାନା ବାନ୍ଧି ନ ଥିବା ବହଳିଆ ଗୁଡ଼ ଏ ପ୍ରକାର ଗୁଡ଼ ଆଖୁ ରସରୁ ଅମଳ ବେଳେ ମିଳିଥାଏ । ଗୁଡ଼କୁ ନେଇ ଏବେ ବି ବିଜ୍ଞାନ ଜଗତ ଓ ଚିକିତ୍ସା ବିଜ୍ଞାନ ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଗବେଷଣା ଜାରି ରଖିଛି ।

# ଶବରୀ ନାରାୟଣ ଛତିଶଗଡ଼ର ପାବନ ପୁରୀଧାମ



ଭାରତ ହେଉଛି ପୃଥିବୀର ଏକ ପ୍ରାଚୀନ ସଭ୍ୟତା ଓ ସଂସ୍କୃତିର ଦେଶ । ମୁନିଋଷିମାନେ ଏ ଦେଶର ଧର୍ମ, ସଂସ୍କୃତି ତଥା ଦର୍ଶନକୁ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ସ୍ଥଳ ଅଛି ତଥାପି ଚାରୋଟି ଧାର୍ମିକ ସ୍ଥଳକୁ ଶ୍ରେଷ୍ଠ ମାନ୍ୟତା ମିଳିଛି । ତା'ମଧ୍ୟରୁ ପାବନ ପୁରୀ ଧାମ ଅନ୍ୟତମ । ଯାହାର ଆରାଧ୍ୟ ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ । ଠିକ୍ ସେହିପରି ଭାରତ ବର୍ଷରେ ଛତିଶଗଡ଼ ରାଜ୍ୟରେ ଥିବା ବିଳାଶପୁର ସହରରୁ ୬୪ କି.ମି. ଦୂରରେ ପରମ ପାବନ "ଶବରୀ ନାରାୟଣ ଧାମ"କୁ ପୁରୀର ମାନ୍ୟତା ମିଳିଛି । ସେଠାରେ ତ୍ରେତୟା ଯୁଗରେ ମହାପ୍ରଭୁ ଶ୍ରୀରାମଙ୍କୁ ଅନେକ ଦିନ ଧରି ଅପେକ୍ଷାରତ ଥିବା ଶବରୀ ନିଜେ କୋଳି ଖୁଆଇଦେବାର କିମ୍ବଦନ୍ତୀ ଆଜି ମଧ୍ୟ ଜନମାନସରେ ପ୍ରତିଧ୍ୱନିତ ହେଉଛି । ବିଭିନ୍ନ ଐତିହାସିକ ବିବରଣୀ ଅନୁସାରେ ସମ୍ବତ ୧୯୨୭ ମସିହାରେ ମହନ୍ତ ଅର୍ଜ୍ଜୁନ ଦାସଙ୍କ ପ୍ରେରଣାରେ ଭଟଗାଁର ଜମିଦାର ରାଜସିଂହ ଜଗନ୍ନାଥ ମନ୍ଦିରର ମୂଳଦୁଆ ପକାଇଥିଲେ । ମାତ୍ର ତାଙ୍କର ପରମ ଭକ୍ତ ପୁତ୍ର ଚନ୍ଦନ ସିଂହ ପିତାଙ୍କ ଅଧୁରା ଇଚ୍ଛାକୁ ପୁରଣ କରି ସେହି ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିର ସ୍ଥାପନା କରାଇଥିଲେ । ସୁପ୍ରସିଦ୍ଧ ସାହିତ୍ୟିକ ଏବଂ ତତ୍କାଳିନ ଶବରୀ ନାରାୟଣ ତହସିଲର ତହସିଲଦାର ଠାକୁର ଜଗମୋହନ ସିଂହ ତାଙ୍କର ପୁସ୍ତକ "ପ୍ରଳୟ"ରେ ଉଲ୍ଲେଖ କରିଛନ୍ତି ଯେ ମହାନଯୋଗୀ ଶ୍ରୀ ଗୌତମ ଦାସଙ୍କର ସୁନ୍ଦର ବଗିଚା କୌଣସି ସମୟରେ ଏକ ଉଚ୍ଚ ପାହାଡ଼ ଥିଲା । ତାଙ୍କ କଥାନୁସାରେ ରଥଯାତ୍ରା ପରେ ମହାପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ମାତା ସୁଭଦ୍ରା ଏହି ସ୍ଥାନରେ ୭ ଦିନ ବିଶ୍ରାମ କରିଥିଲେ । ତେଣୁ ଏଠାର ଲୋକେ ଏହାକୁ ଜନକପୁର ମଧ୍ୟ ଆଖ୍ୟା ଦେଇଛନ୍ତି । ଆହୁରି ମଧ୍ୟ ମାଖନ ସାବଙ୍କର କନିଷ୍ଠ ଅନୁଜ ସୋଭାରାମଙ୍କର ପୌତ୍ର ପରାଧିୟା ସାବ ଜଗନ୍ନାଥ ପୁରୀର ରଥଯାତ୍ରା ପରେ "ଶବରୀ ନାରାୟଣ"ରେ ପଣ୍ଡିତ ଧର୍ମାନନ୍ଦ ଦ୍ୱିବେଦୀଙ୍କ ଘରେ ତିନି ମୂର୍ତ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସ୍ଥାପିତ କରିଥିଲେ ଯାହାକି ଏବେ ମଧ୍ୟ ପୂଜା ପାଉଛନ୍ତି । ଏବଂ ପୂର୍ବକାଳରେ ସେହି ମୂର୍ତ୍ତିମାନଙ୍କୁ ନେଇ ଶବରୀ ନାରାୟଣରେ ରଥଯାତ୍ରା ସମ୍ପନ୍ନ ହେଉଥିଲା । ମାତ୍ର ଶବରୀନାରାୟଣ ମଠ ପ୍ରତିଷ୍ଠା ତଥା ମନ୍ଦିର ପ୍ରତିଷ୍ଠା ପରଠାରୁ ଦୁଇ ଯାଗାରୁ ରଥଯାତ୍ରା ଏକ ସଙ୍ଗରେ ହେଉଥିଲା । ମାତ୍ର କାଳକ୍ରମେ କେବଳ ଶବରୀ ନାରାୟଣରେ ପ୍ରତିଷ୍ଠିତ ବିଗ୍ରହଙ୍କୁ ନେଇ ଅଦ୍ୟାବଧି ରଥଯାତ୍ରା ଅନୁଷ୍ଠିତ ହେଉଅଛି ।




ରଥଯାତ୍ରା ଏହି ଛତିଶଗଡ଼ କ୍ଷେତ୍ର ତଥା ବିଳାଶପୁରର ଏକ ପ୍ରମୂଖ ଯାତ୍ରା କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାଚୀନ କାଳରୁ ଏହି ରଥାଯାତ୍ରାର ଆୟୋଜନ ଶବରୀ ନାରାୟଣର ମଠ ଆଜି ସୁଦ୍ଧା ପାଳନ କରିଆସୁଅଛି । ପ୍ରାପ୍ତ ସୂଚନା ଅନୁସାରେ ମହନ୍ତ ଗୌତମ ଦାସ ଏହି ରଥଯାତ୍ରାର ଶୁଭାରମ୍ଭ କରିଥିଲା ବେଳେ ମହନ୍ତ ଲାଲ ଦାସ ଏହାକୁ ସୁଚାରୁରୂପେ ପରିଚାଳନା କରୁଥିଲେ । ଏହି ରଥଯାତ୍ରା ସମୟରେ ଏଠାର ମୁକ୍ତିଆର କୈଳାଶ ପ୍ରସାଦ ତିୱାରୀ ଲୋକମାନଙ୍କ ହୃଦୟରେ ଭଗବତ ଭାବନା ଜାଗ୍ରତ ଉଦ୍ଦେଶ୍ୟରେ ରାମଲୀଳା, ରାସଲୀଳା ବିଭିନ୍ନ ଧାର୍ମିକ ନାଟକ ଅନୁଷ୍ଠିତ କରି ଆଜି ମଧ୍ୟ ଲୋକମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ଠିକ୍ ପୁରୀ ରଥଯାତ୍ରା ପରି ଏଠାରେ ମଧ୍ୟ ପ୍ରତିବର୍ଷ ରଥ ତିଆରି ହେଉଥିଲା ମାତ୍ର ସମୟାନୁକ୍ରମେ ଏହି ପ୍ରକ୍ରିୟାକୁ ବନ୍ଦ କରାଯାଇ ଏକ ଲୌହ ନିର୍ମିତ ରଥରେ ଆଜି ମଧ୍ୟ ରଥଯାତ୍ରା ହେଉଅଛି । ଏହି କ୍ଷେତ୍ରର ଲକ୍ଷାଧିକ ଭକ୍ତ ଏହି ଯାତ୍ରାରେ ସାମିଲ ହୋଇ ପ୍ରଭୁଙ୍କର ରଥ ଦଉଡ଼ିକୁ ଟାଣିଥାନ୍ତି ଏବଂ ରଥକୁ ବିଭିନ୍ନ ସ୍ଥାନରେ ଅଟକାଇ ଭକ୍ତମାନେ ପୂଜା ପାଠ ନୈବେଦ୍ୟ ସମର୍ପଣ କରିଥାନ୍ତି । ପ୍ରସାଦ ଭାବେ ଏଠାରେ ଲିଆ, ଗଜାମୁଗ ଓ ନଡ଼ିଆ ଭୋଗ ହୋଇଥାଏ । ଏହି ରଥଯାତ୍ରା ଦିନଟିକୁ ସମ୍ପୂର୍ଣ୍ଣ ଛତିଶଗଡ଼ରେ ପରମ ପବିତ୍ର ଦିନ ରୂପେ ପାଳନ କରାଯାଏ । ଏହି ଦିନରେ ନୂତନ ଗୃହ ପ୍ରତିଷ୍ଠା, ଦୋକାନ, କାରବାରର ଶୁଭାରମ୍ଭ ହୋଇଥାଏ । ଏହି ଦିନଟିରେ ଘରକୁ ଦୂରରେ ରହୁଥିବା ବନ୍ଧୁ, ବାନ୍ଧବଙ୍କର ଏକତ୍ରିକରଣ ହୋଇ ଆନନ୍ଦ ମହୋତ୍ସବ ଲାଗିଥାଏ । ପିଲାଙ୍କଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ଆଜି ମଧ୍ୟ ଏଠାକାର ଲୋକ ମୁଖରେ ଛତିଶଗଡ଼ର ପରମ ପାବନ ଶବରୀନାରାୟଣ ଧାମ ଜଗନ୍ନାଥ ପୁରୀ ଧାମ ଭାବେ ପ୍ରସିଦ୍ଧିଲାଭ କରିଛି । ସେହିପରି ଏଠାରୁ ଅଳ୍ପ ବ୍ୟବଧାନରେ ରାଜିମ୍ ସ୍ଥାନରେ ସାକ୍ଷୀଗୋପାଳ ବିରାଜମାନ କରିଛନ୍ତି । ଶବରୀନାରାୟଣଙ୍କ ଦର୍ଶନ ପରେ ଯିଏ ସାକ୍ଷୀଗୋପାଳଙ୍କୁ ଦର୍ଶନ ନକରେ ତାର ଯାତ୍ରା ବ୍ୟର୍ଥ ହୋଇଥାଏ ବୋଲି କଥିତ ଅଛି । ତେଣୁ ଏଠାର ପ୍ରାଚୀନ କବି ବଟୁ ସିଂହ ଶବରୀ ନାରାୟଣ ମହାତ୍ମ୍ୟରେ ଲେଖିଛନ୍ତି । ***"ମାସ ଆଷାଢ଼ ରଥ ଦୁତୀୟା/ରଥକେ କିୟା ବୟାନ/ଦର୍ଶନ ରଥକୋ ଯୋ କରେ/ପାବେ ପଦନିର୍ବାଣ ।"*** ଅର୍ଥାତ, "ଆଷାଢ଼ ମାସର ଦ୍ୱିତୀୟ ତିଥିରେ ରଥରେ ବେଶ ବାମନ, ଦର୍ଶନ ମାତ୍ରକେ ପାପନାଶ ହୋଇ ମିଳଇ ପଦ ନିର୍ବାଣ" । ଯେପରି ଆମର ସଂସ୍କୃତ ବ୍ୟାଖ୍ୟାକାରମାନେ ଲେଖିଛନ୍ତି - ***"ଦୋଳେଚ ଦୋଳ ଗୋବିନ୍ଦ/ଚାପେଚ ମଧୁସୂଦନ/ରଥେତୁ ବାମନମ୍ ଦୃଷ୍ଟ୍ୱା/ପୁର୍ନଜନ୍ମ ନବିଦ୍ୟତେ ।"*** ଦୋଳରେ ଦୋଳଗୋବିନ୍ଦ, କୃଷ୍ଣ ଚାପରେ ଥିବ ମଧୁସୂଦନ ରଥରେ ଜଗନ୍ନାଥଙ୍କ ବାମନବେଶ ଦର୍ଶନରେ ଆଉ ପୁର୍ନଜନ୍ମ ନଥାଏ । ସେଇଥିପାଇଁ ଜଗନ୍ନାଥ ହେଲେ ଜଗତର ନାଥ ଏବଂ ତାଙ୍କ ରଥଯାତ୍ରା ପ୍ରତିଷ୍ଠା କରିଥାଏ ଅଖଣ୍ଡ ଭାରତରେ ବିଶ୍ୱମୈତ୍ରୀ ଓ ପ୍ରୀତିର ମହନୀୟତା । ତେଣୁ ଶବରୀନାରାୟଣ କ୍ଷେତ୍ର ଯଦିଓ ବିଶ୍ୱ ମୈତ୍ରୀର କ୍ଷେତ୍ର ନହୋଇପାରେ ମାତ୍ର ତଥାପି ଜନମାନସରେ ପ୍ରେମ ଓ ବିଶ୍ୱାସର ଫଲଗୁ ଧାରା ପ୍ରବାହିତ କରିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଶ୍ୱରେ କୋଣେ ଅନୁକୋଣେ ଗୁଞ୍ଜରିତ ହୁଏ । ଶେଷରେ ଏତିକି କହିବି ଏ ଯାତ୍ରା ସମଗ୍ର ମାନବ ସମାଜରୁ ବ୍ରାହ୍ମଣ ଚଣ୍ଡାଳର ଦୂର୍ଭେଦ୍ୟ ପ୍ରାଚୀର, ଉଚ୍ଚନୀଚର ବୈଶମ୍ୟ ଲୋପ କରିବା ପାଇଁ ଆମେ ସମସ୍ତେ ଏକାକାର ହୋଇ ଜଗନ୍ନାଥଙ୍କର ସେବକ ପାଲଟି ଯାଇଥାଉ ଏବଂ ଯେଉଁ ଠାରେ ଗଢ଼ି ଉଠେ ମାନବବାଦର ମାନବ ପ୍ରୀତିର ମହାନ ସେତୁ । ... କିମଧିକମ୍ ।

# ସ୍ତ୍ରୀର ସୁଲଭ ଗୁଣ

ସ୍ତ୍ରୀଲୋକମାନେ ବହୁ ପ୍ରକାର ଗୁଣରେ ଅଳଙ୍କୃତ । ଆତ୍ମ ନିୟନ୍ତ୍ରଣରେ ପୁରୁଷମାନେ ମହିଳାମାନଙ୍କର ସମକକ୍ଷ ହୋଇପାରିବେ ନାହିଁ । ପୁରୁଷ ମାନଙ୍କୁ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର କରାଇବା ପାଇଁ ମହିଳାମାନେ ହିଁ ସର୍ବଶ୍ରେଷ୍ଠ ଆଦର୍ଶ । ନିର୍ମଳ, ନିଃସ୍ୱାର୍ଥ ପ୍ରେମ ସେମାନଙ୍କର ଜନ୍ମଗତ । ଜ୍ଞାନୀ, ସଂସ୍କାର ସମ୍ପନ୍ନା, ସ୍ନେହମୟୀ ଓ ଧର୍ମପରାୟଣା ମହିଳମାନେ ଜଣେ ଜଣେ ଲକ୍ଷ୍ମୀ । ସେମାନଙ୍କ ପାଇଁ ଘରେ ଆନନ୍ଦ ଓ ସୌଭାଗ୍ୟ ବିରାଜେ । ଯେଉଁ ଘରେ ସ୍ୱାମୀ ସ୍ତ୍ରୀ ଉଭୟେ ପବିତ୍ର ପ୍ରେମ ପାଶରେ ବାନ୍ଧି ହୋଇ ଆତ୍ମୋନ୍ନତି ପାଇଁ ସ୍ୱାଧ୍ୟାୟରତ ଏବଂ ପ୍ରଭୁଙ୍କ ମହିମା ଓ ନାମ କୀର୍ତ୍ତନ କରୁଥାନ୍ତି ସେ ଘରେ ପ୍ରକୃତରେ ବୈକୁଣ୍ଠ । ଯେଉଁଠାରେ ସ୍ତ୍ରୀ ପବିତ୍ର ପ୍ରେମସହ ସ୍ୱାମୀ ସହିତ ବନ୍ଧା, ତାହାକୁ ଯେ କୌଣସି ଦୁର୍ଲଭ ପୁଷ୍ପର ସୌରଭ ସହିତ ତୁଳନା କରାଯାଇପାରିବ । ଗୋଟିଏ ଅମୂଲ୍ୟ ରତ୍ନ ସଦୃଶ ସେ ପରିବାରର ଶୋଭା ଉଜ୍ଜ୍ୱଳ କରିପାରିବ । ଏତାଦୃଶ ଗୁଣବତୀ ସ୍ତ୍ରୀ ପ୍ରକୃତରେ ଗୋଟିଏ ଅତି ମୂଲ୍ୟବାନ ଅଳଙ୍କାର ।

ସତୀତ୍ୱ ମହିଳାମାନଙ୍କର ଏକ ମହାନ ଆଦର୍ଶ । ସେଥିରୁ ଉତ୍ପନ୍ନ ଶକ୍ତିରୁ ସେମାନେ ସମସ୍ତ କିଛି ହାସଲ କରିପାରିବେ । ସେହି ଶକ୍ତି ଦ୍ୱାରା ସାବିତ୍ରୀ, ଯମ ଦେବତାଙ୍କ ସହ ସଂଗ୍ରାମ କରି ତାଙ୍କ ମୃତ ପତିଙ୍କୁ ବଞ୍ଚାଇବାକୁ ସମର୍ଥ ହୋଇଥିଲେ । ଅତ୍ରି ମୁନିଙ୍କ ପତ୍ନୀ ଓ ଦତ୍ତାତ୍ରେୟଙ୍କ ମା'ଅନୁସୂୟା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ନବଜାତ ଶିଶୁରେ ପରିଣତ କରି ଦେଇଥିଲେ । ନାରାୟଣୀ ତାଙ୍କ କୁଷ୍ଠାକ୍ରାନ୍ତ ସ୍ୱାମୀଙ୍କ ପ୍ରତି ଭକ୍ତି ଓ ସତୀତ୍ୱର ରହସ୍ୟମୟ ଶକ୍ତି ବଳରେ ସୂର୍ଯ୍ୟଙ୍କର ଗତିରୋଧ କରିଦେଇ ପାରିଥିଲେ । ସତୀତ୍ୱ ପାଇଁ ମହିଳାମାନଙ୍କୁ ମହୀୟସୀ ବୋଲି ଆଖ୍ୟା ଦିଆଯାଇଛି । ଏହାର ମର୍ଯ୍ୟାଦା ଅବର୍ଣ୍ଣନୀୟ । ଏହା ତାଙ୍କ ମାନଙ୍କ ପ୍ରାଣବାୟୁ ସଦୃଶ । ଏହି ସତୀତ୍ୱର ଅସୀମ ଶକ୍ତି ବଳରେ ସେମାନେ ତାଙ୍କ ସ୍ୱାମୀଙ୍କୁ ଯେ କୌଣସି ପ୍ରକାର ବିପତ୍ତିରୁ ଉଦ୍ଧାର କରିଦେଇପାରନ୍ତି । ଏହି ଅତୁଳନୀୟ ଶକ୍ତି ବଳରେ ସେମାନେ ନିଜକୁ ରକ୍ଷା କରନ୍ତି ଓ ପରିଶେଷରେ ନିଃସନ୍ଦେହରେ ସ୍ୱର୍ଗରେ ସ୍ଥାନ ପାଆନ୍ତି ।

ଦମୟନ୍ତୀଙ୍କ ଭାଷାର ଏଭଳି ଶକ୍ତି ଥିଲା ଯେ ବଣରେ ଜଣେ ଶିକାରୀ ତାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବାକୁ ଉଦ୍ୟତ ହୁଅନ୍ତେ ସେ ତାକୁ ଭସ୍ମ କରି ଦେଇଥିଲେ । ଭାଗ୍ୟରେ ନିର୍ଦ୍ଦୟ କରାଘାତରେ କବଳିତ ହୋଇ ରାଜା ନଳ ତାଙ୍କୁ ଛାଡ଼ି ଚାଲି ଯାଇଥିବା ସମୟରେ ଦମୟନ୍ତୀଙ୍କୁ ଜଙ୍ଗଲରେ ଏକାକିନୀ ଜୀବନ କଟାଇବାକୁ ପଡ଼ିଥିଲା । ବିନମ୍ରତା ଓ ଶିଷ୍ଟାଚାର ମହିଳାମାନଙ୍କ ପକ୍ଷେ ଅତ୍ୟନ୍ତତ ପ୍ରୟୋଜନ । ଶିଷ୍ଟାଚାରର ସୀମା ଅତିକ୍ରମ କରିବା ମହିଳମାନଙ୍କ ପକ୍ଷେ ଅଧର୍ମ । ସୀମା ବାହାରକୁ ଯାଇ ସେମାନେ ବହୁ ଦୁର୍ଦ୍ଦଶା ନିମନ୍ତ୍ରଣ କରିଥାନ୍ତି । ନାରୀତ୍ୱର ମର୍ଯ୍ୟାଦା କାହିଁକି କ୍ଷୁର୍ଣ୍ଣ ହେବ ? ଜଣେ ସମ୍ଭ୍ରମତା ବିଶିଷ୍ଟ ମହିଳା, ନିଜର ମାନ ମହତ ଦୃଷ୍ଟିରୁ ସୀମା ଭିତରେ ରହିବା ଉଚିତ । କେଉଁଟି ଭୁଲ ସେମାନେ ଆପଣାଛାଏଁ ଜାଣିପାରନ୍ତି । ସମ୍ଭ୍ରମତା ସେମାନଙ୍କୁ ପରମ ପବିତ୍ରତାର ଉଚ୍ଚତମ ଶିଖରକୁ ଉନ୍ନୀତ କରେ । ଶିଷ୍ଟାଚାର ସମ୍ପନ୍ନ ସ୍ତ୍ରୀମାନେ ଘରେ ବାହାରେ ସମାଜରେ ତଥା ସମଗ୍ର ବିଶ୍ୱରେ ନିଜର କୃତୀତ୍ୱ ଜାହିର କରିପାରିବେ ।

ନାରୀ ଘର ଏବଂ ଧର୍ମର ଅବଲମ୍ବନ । ସେ ଚାହିଁଲେ ଭକ୍ତି ଓ ବିଶ୍ୱାସ ସୁଦୃଢ଼ କରି ପାରିବ ବା ଉତ୍ପାଟନ କରିଦେଇ ପାରିବ । ଭକ୍ତି, ବିଶ୍ୱାସ ଓ ଆଧ୍ୟାତ୍ମିକ ଉଦ୍ୟମ ନାରୀ ମାନଙ୍କର ଏକ ସ୍ୱାଭାବିକ ମନୋଭାବ । ଭକ୍ତି, ବିଶ୍ୱାସ ଓ ବିନମ୍ରତା ଥିବା ମହିଳାମାନେ ପୁରୁଷ ମାନଙ୍କୁ ମଧ୍ୟ ସାଧନା ମାର୍ଗରେ ନେବାକୁ ସମର୍ଥ ହୋଇଥାନ୍ତି । ସେମାନେ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରନ୍ତି, ଗୃହାଙ୍ଗନ ପରିଷ୍କାର କରି ସ୍ନାନ କର୍ମ ସମାପନ କରି ଜପ ଧ୍ୟାନରେ ବସନ୍ତି । ନିଜ ଘରେ ଗୋଟିଏ ସ୍ୱତନ୍ତ୍ର ପୂଜାଘର ସେମାନେ ପସନ୍ଦନ କରନ୍ତି । ସେଠାରେ ଭଗବାନଙ୍କର, ଗୁରୁ ଓ ମହର୍ଷି ମାନଙ୍କର ଚିତ୍ରପଟ୍ଟ ରଖନ୍ତି । ଘରଟିର ପବିତ୍ରତା ରକ୍ଷା କରିବା ସଙ୍ଗେ ସଙ୍ଗେ ସକାଳ ଓ ସଂଧ୍ୟା ଭଜନ ଓ ପର୍ବପର୍ବାଣୀ ପାଳନ ପୂର୍ବକ ଘରର ବାତାବରଣ ନିର୍ମଳ ରଖନ୍ତି । ଅପର ପକ୍ଷରେ ସ୍ତ୍ରୀ ଯଦି ସ୍ୱାମୀକୁ ଆଧ୍ୟାତ୍ମିକ ମାର୍ଗରୁ ଉପଭୋଗ ମାର୍ଗକୁ ଟାଣେ ବା ସ୍ତ୍ରୀ ଆଧ୍ୟାତ୍ମିକ ଆନନ୍ଦ ଆହରଣ କରୁଥିଲା ବେଳେ ସ୍ୱାମୀ ଯଦି ସ୍ତ୍ରୀ ଠାରେ ଦୋଷ ଆରୋପ କରେ ତେବେ ସେପରି ଘର 'ଘର' ପଦବାଚ୍ୟ ନୁହେଁ, ନର୍କ ସଙ୍ଗେ ସମାନ, ଭୂତକୋଠି ସଙ୍ଗେ ସମାନ । ଭଗବାନ ଶ୍ରୀ ସାଇ ସମସ୍ତଙ୍କୁ କୃପା କରନ୍ତୁ, ସମସ୍ତଙ୍କ ଘର ପରିବାର ଆନନ୍ଦ ଓ ଶାନ୍ତିର ସହିତ ନାରୀ ଧର୍ମର ମର୍ଯ୍ୟାଦା ରହୁ ।

**ଶିକ୍ଷାବିତ୍ ରାଜକିଶୋର ମିଶ୍ର,** ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

# ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଓଡ଼ିଶୀ ନୃତ୍ୟ ସହିତ ତବଲା ବାଦନ, ଗଜଲ ଓ ଗଂଜାମର ପାରମ୍ପରିକ ଲୋକନୃତ୍ୟରେ ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍): ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ତ୍ରିଧାରା ଅନୁଷ୍ଠାନ ଦ୍ୱାରା ଆଜି ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ ହୋଇଯାଇଅଛି । ଏହି ସମ୍ମାନ ପ୍ରଦାନ ଉତ୍ସବ ୨୯ ତାରିଖରେ ମଧ୍ୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହେବ । ତ୍ରିଧାରା ଏକ ଅଗ୍ରଣୀ ଅନୁଷ୍ଠାନ ଯାହା ଗୁରୁ ଦେବପ୍ରସାଦ ଦାସଙ୍କ ଅନନ୍ୟ ଶୈଳୀକୁ ସମର୍ଥନ କରେ । ଏହି ପୁରସ୍କାର ଉତ୍ସବର ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ କିମ୍ବଦ'ନ୍ତୀ ଗୁରୁ ତଥା ଯୁବଶିଳ୍ପୀମାନଙ୍କୁ ସମ୍ମାନ ପ୍ରଦାନ କରିବା ତଥା ସେମାନଙ୍କର କଳାର ପ୍ରଚାର ଓ ପ୍ରସାର କରିବା ଏଥିସହିତ ଓଡ଼ିଶୀ ନୃତ୍ୟ ତଥା ଓଡ଼ିଶାର ଆଦିବାସୀ ନୃତ୍ୟ, ଲୋକ ନୃତ୍ୟ, ପାରମ୍ପାରିକ ନୃତ୍ୟ କ୍ଷେତ୍ରରେ ଗୁରୁ ଦେବପ୍ରସାଦ ଦାସଙ୍କ ଘରାନାକୁ ପ୍ରଦର୍ଶନ ଓ ପ୍ରୋତ୍ସାହିତ କରିବା । ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନା ଥିଲା ତ୍ରିଧାରାର ବରିଷ୍ଠ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ । ଏହି ନୃତ୍ୟଟିକୁ ସଂଯୋଜନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ତ୍ରିଧାରାର ନୃତ୍ୟଶିଳ୍ପୀମାନଙ୍କର ନୃତ୍ୟାନୁଗ୍ରହ, ଶରୀରର ଗତିବିଧି ଦ୍ୱାରା ଚମତ୍କାର ପରିବେଷଣ ଏବଂ ଚିତ୍ତାକର୍ଷକ ଅଙ୍ଗଭଙ୍ଗୀ ନୃତ୍ୟ ମାଧ୍ୟମରେ ବେଶ୍ ବାରିହେଉଥିଲା ଯାହା ପ୍ରେକ୍ଷାଳୟରେ ଉପସ୍ଥିତ ଦର୍ଶକମାନଙ୍କର କରତାଳି ସାଉଣ୍ଟିବାରେ ସକ୍ଷମ ହୋଇଥିଲା । ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନା ଥିଲା ଓଡ଼ିଶୀ ଏକକ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ମାଲେସିଆର ଗୀତିକା ଶ୍ରୀ । ତାଙ୍କ ପରିବେଷଣରେ ଥିଲା ସୂର୍ଯ୍ୟାଷ୍ଟକ । ପରେ ପରେ ଦଳଗତ ଓଡ଼ଶୀ ନୃତ୍ୟ ପରିବେଷଣ କରିଥିଲେ କଟକ କଳାବିକାଶ କେନ୍ଦ୍ରର ଶିଳ୍ପୀମାନେ । ସେମାନେ ପରିବେଷଣ କରିଥିଲେ ଲକ୍ଷ୍ମୀ ନୃସିଂହ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ପରିବର୍ତ୍ତୀ ପ୍ରସ୍ତୁତିରେ ଥିଲା ଅନସୁଲ ପ୍ରତାପ ସିଂଙ୍କ ଦ୍ୱାରା ଏକକ ତବଲା ବାଦନ । ତାଳ, ଲୟ ଓ ଛନ୍ଦର ଚମତ୍କାର ସମିଶ୍ରଣରେ ତବଲା ବାଦନରେ



ତୋଡ଼ା, ତୁକ୍‌ଡ଼ା, ତାଇ, ଚକ୍ରଧାର୍ ସହିତ ତିନ୍ ତାଳରେ ୧୬ ମାତ୍ରାରେ ଦର୍ଶକମାନଙ୍କୁ ସେ ବିମୋହିତ କରିଥିଲେ । ସଂଧ୍ୟାର ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଆଂଶିକା ଚୌହାନଙ୍କ ଦ୍ୱାରା ଗଜଲ ଗାୟନ । ତାଙ୍କର ଶ୍ରୁତିମଧୁର ସ୍ୱରରେ ଗଜଲ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା । ଉଦ୍‌ଘାଟନୀ ସଂଧ୍ୟାର ଅଂିମ ପ୍ରସ୍ତୁତିରେ ଥିଲା ଗଂଜାମ ଜିଲ୍ଲାର ପାରମ୍ପାରିକ ଲୋକକଳା ନୃତ୍ୟ ସଖୀ ନାଟ ଯାହାକୁ ପରିବେଷଣ କରିଥିଲେ ଗୁରୁ ଆଲୋକ ବିଶୋଇ ଓ ସାଥୀ । ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଥିଲେ ଓଡ଼ିଶା ବିଧାନ ସଭାର ମାନ୍ୟବର ବାଚସ୍ପତି ସୁର୍ଯ୍ୟନାରାୟଣ ପାତ୍ର; ଭଦ୍ରକର ମାନ୍ୟବର ବିଧାୟକ ପ୍ରଫୁଲ୍ଲ ସାମଲ; ନୃତ୍ୟ ସମାଲୋଚକ ନୀତା ବିଦ୍ୟାର୍ଥୀ; ଆର୍ଟ ଭିଜନର ସଚିବ ଗୁରୁ ଇଲିୟାନା ଚିତାରିଷ୍ଟି, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ବିଶାରଦ ରାମଲି ଇବ୍ରାହିମ, ଟିଂ । ଓ ଚେତନାର ସଚିବ ସୁରେନ୍ଦ୍ର କୁମାର; ପାରାଦୀପ ଫସଫେଟ ଲିମିଟେଡ଼ର ଅଧିକାରୀ ସୁଧିରନ ମିଶ୍ର; ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସିମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ ।

# ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ, ସନସାଇନ କ୍ଲବ କଟକ ଫାଇନାଲରେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ୨୪ତମ ଡିଫାକପ ଓ ଚତୁର୍ଥ ରିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସନସାଇନ କ୍ଲବ କଟକ ୨/୦ ଗୋଲରେ ନେତାଜୀ କ୍ଲବ କେନ୍ଦ୍ରାପଡାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଧର୍ମଶାଳା ଫୁଟବଲ ଆସୋସିଏସନ ଆନୁକୁଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଂଟରେ ଆଜି ମ୍ୟାଚର ପ୍ରଥମାର୍ଦ୍ଧରେ କଟକ ଟିମର ରାକେଶ ସାହୁ ଓ ଅବିନାଶ ସାମଲ ଗୋଟିଏ ଲେଖାଁଏ ଗୋଲ ଦେଇଥଲେ । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ କେହି କାହାରୁକୁ ଗୋଲ ନକରିବାରୁ କଟକ ଟିମ ୨/୦ ଗୋଲରେ ବିଜୟୀ ହୋଇଥିଲା । ଆଜିର ମ୍ୟାଚକୁ ସଲିମ ଅହମ୍ମଦ ଓ ଶୈଳେଶ ପାଣି ପରିଚାଳନା କରିଥିବା ବେଳେ ସେକ ଆସିଫ ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହାୟତା କରିଥିଲେ । ଆଜିର ଖେଳରେ ଅତିଥି ଭାବେ ଚହଟା ସମିତିସଭ୍ୟା ସସ୍ମିତା ନାୟକ ଓ ଶିକ୍ଷୟତ୍ରୀ କାଦମ୍ବିନୀ ମିଶ୍ର ଯୋଗଦେଇ ବିଜୟୀ ଟିମର ରାକେଶ ସାହୁଙ୍କୁ ମ୍ୟାନଅଫଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ବୁଧବାର ଫାଇନାଲ ମ୍ୟାଚ ସନସାଇନ କ୍ଲବ କଟକ ଓ ପ୍ରତାପ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଡିଫାର ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି ।

# ଦୁଆରଗାଁ ଗ୍ରାମବାସୀ ଙ୍କ ଦ୍ୱାରା ହରିଣ ଉଦ୍ଧାର



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧିନ ବେଣାଗାଡିଆ ପଂଚାୟତର ଦୁଆରଗାଁ ମଧ୍ୟକୁ ପଶି ଆସିଥିବା ୨ଟି ହରିଣ ମଧ୍ୟରୁ ଗୋଟିଏ ହରିଣ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଦୌଡି ପଳାଇଥିବା ବେଳେ ଅନ୍ୟ ହରିଣଟି ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରବେଶ କରି ରହିଯାଇଥିଲା । ଗ୍ରାମବାସୀମାନେ ହରିଣଟିକୁ ବିଦ୍ୟାଳୟ ପ୍ରାଙ୍ଗଣରେ ଧରିବା ପରେ ଖଣ୍ଡପଡା ବନବିଭାଗ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ । ଖଣ୍ଡପଡା ବନାଚଂଳ ଅଧିକାରୀ ଶରତ ଚନ୍ଦ୍ର ଶତପଥିଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚିବା ପରେ ସ୍ଥାନୀୟ ବାସିନ୍ଦା ବନବିଭାଗ କର୍ତ୍ତୃପକ୍ଷଙ୍କୁ ହରିଣଟିକୁ ହସ୍ତାନ୍ତର କରିଥିଲେ । ଏଣେତେଣେ ଦୌଡାଦୌଡି କରି ହରିଣଟି ହାଲିଆ ହୋଇ ପଡିଥିଲା । ଖଣ୍ଡପଡା ବନାଚଂଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ହରିଣଟି ପହଂଚିବାର କିଛି ସମୟପରେ ସୁସ୍ଥ ଅବସ୍ଥାକୁ ଫେରିଥିଲା । ପରେ ହରିଣଟିକୁ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିଲା । ସଂରକ୍ଷିତ ଜଙ୍ଗଲରେ ପାଣିର ଅଭାବ ଯୋଗୁଁ ବନ୍ୟଜନ୍ତୁଗୁଡିକ ଏବେ ଜନବସତି ଆଡକୁ ପଳାଇ ଆସି ଲୋକଙ୍କ ହାବୁଡରେ ପଡୁଥିବା ଅନୁମାନ କରାଯାଉଛି । ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ନୟାଗଡ ବନ୍ୟଖଣ୍ଡ ଅଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ, ଟାଉନ ଫରେଷ୍ଟର ଭୂପତି ସେଠୀ, ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ, ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି, ପଥର, ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ସମ୍ଭାବ୍ୟ ବାତ୍ୟା 'ଦାନା' ରପରିସ୍ଥିତିକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲାରେ ପ୍ରଶାସନର ପ୍ରସ୍ତୁତି ବୈଠକ



ଜଗତସିଂହପୁର,(ପି. ଏନ) ପୂର୍ବ -ମଧ ବଙ୍ଗୋସାଗରରେ ସୃଷ୍ଟି ହୋଇଥିବା ଅବପାତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ ରୁ ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୨ ତାରିଖ ସୁଦ୍ଧା ବାତ୍ୟା ର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚ଼ନା ଦିଆଯାଇଛି । ଯାହାଫଳରେ ଜଗତସିଂହପୁର ଜିଲ୍ଲାରେ ଘଡଘଡି ଓ ବିଜୁଳି ସହ ପ୍ରବଳ ରୁ ଅତି ପ୍ରବଳ ବର୍ଷା ଏବଂ ୧୩୫ କି.ମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ଭି ସି ହଲ୍ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଭାସୀ ମାଧ୍ୟମରେ ଏକ ଜରୁରୀ କାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଦାନା ର ସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରିବା, ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟାଜଳ ଅବାଧରେ ପ୍ରବାହିତ ହେବାପାଇଁ ଡ୍ରେନ ଗୁଡ଼ିକୁ ସଫା କରିବା, ଦୁର୍ବିପାକ ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ କରିବା, ନଳକୂପ ଗୁଡ଼ିକର ମରାମତି କରିବା, ଦୁର୍ଗମ ତଥା ପ୍ରଭାବିତ ଅଞ୍ଚଳରେ ଖାଦ୍ୟ ପଦାର୍ଥ ମହଜୁଦ ରଖିବା, ଶୁଖିଲା ଖାଦ୍ୟ ରଖିବା, ଖାଦ୍ୟ ଯୋଗାଣ ନିମନ୍ତେ ବ୍ୟାପକ ଗାଡି ର ବ୍ୟବସ୍ଥା କରିବା, ଓଡ୍ରାଫ ଟିମ୍, କୋଷ୍ଟ ଗାର୍ଡ, ମାରିନ ପୋଲିସ, ଅଗ୍ନିଶମ ବିଭାଗ କୁ ସତର୍କ ରହିବା, କ୍ଷତିଗ୍ରସ୍ତ ହେବାକୁ ଥିବା ଫସଲ ଆଦିର ଆକଳନ କରିବା, ସ୍ୱାସ୍ଥ୍ୟ, ଗୋଖାଦ୍ୟ ଯୋଗାଣ, ଗାଈ ଗୋରୁ ଆଦିଙ୍କୁ ଉଚ୍ଚ଼ ଜାଗାକୁ ସ୍ଥାନାନ୍ତର କରିବା, ଇତ୍ୟାଦି ଉପରେ ଆଲୋଚ଼ନା କରାଯାଇଥିଲା ଜିଲ୍ଲା ରେ ଥିବା ୪୫ ଟି ବାତ୍ୟା ଆଶ୍ରୟ ସ୍ଥଳ ତଥା ୨୨୪ ଟି ଅନ୍ୟ ଆଶ୍ରୟ ସ୍ଥଳ ରେ ଆବଶ୍ୟକୀୟ ସାଧନ ବ୍ୟବସ୍ଥା କରିବା, ଜରୁରୀ ପରିସ୍ଥିତିରେ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତର କରିବା, ବିଶେଷ କରି ଗର୍ଭବତୀ ମହିଳା ମାନଙ୍କୁ ନିରାପଦ ଭାବେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମା ଗୃହ କୁ ସ୍ଥାନନ୍ତରିତ କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା, ମତ୍ସ୍ୟଜିବୀ ମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ସତର୍କ କରେଇବା ଆଦି ବିଷୟରେ ଗୁରୁତ୍ୱ ଦେଇଥିଲେ ଜିଲ୍ଲାପାଳ । ବାଲିକୁଦା, କୁଜଙ୍ଗ, ଏରସମା, ନାଉଗାଁ ବ୍ଲକ ରେ ବାତ୍ୟା ଆଶଙ୍କା ଥିବାରୁ ବିଡ଼ିଓ ତହସିଲଦାର ମାନଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ ଜିଲ୍ଲାପାଳ । ଏତଦବ୍ୟତୀତ ସହରାଞ୍ଚଳ ରେ ପ୍ରବଳ ବର୍ଷା ଯୋଗୁଁ ଟ୍ରାଫିକ ସମସ୍ୟା ର ସମାଧାନ, ଅତ୍ୟାବଶ୍ୟକୀୟ ସେବା ଯଥା ବିଦ୍ୟୁତ୍, ଟେଲିଫୋନ, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବ୍ଲକ ଗୁଡିକରେ ସ୍ଥାନୀୟ ଆଇ.ଆଇ.ସି, କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ଏକ କମିଟି ଗଠନ କରିବା ସହ ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅବଶେଷ ରେ 'ନୋ ଲାଇଫ ଲସ ' ର ଲକ୍ଷ୍ୟ ସହ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଆସନ୍ତା ୨୨ ରୁ ୨୫ ତାରିଖ ପର୍ଯ୍ୟନ୍ତ ସତର୍କ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ୍, ଅତିରିକ୍ତ ଜିଲ୍ଲାପାଳ , ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ , ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଡେପୁଟି କଲେକ୍ଟର, ଜରୁରୀ ବିଭାଗ, ସନ୍ଧ୍ୟାଞ୍ଜଳୀ ମାଝୀ ,, ଜଗତସିଂହପୁର ବିଡ଼ିଓ ଆଶୁତୋଷ ମିଶ୍ର, ତହସିଲଦାର ତାରିଣୀ ରଞ୍ଜନ ରାୟ, ପୌର ନିର୍ବାହୀ ଅଧିକାରୀ ସୀମାରାଣୀ ଜେନା,ଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧାରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନ ରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପି ଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୁର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଡ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୂରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

## ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ

ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟ୍ଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ 'ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ପର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି । ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର, ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇଓ୍ୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




# ଡିଫାର୍ମାସି ଛାତ୍ରଛାତ୍ରୀଙ୍କର ପ୍ରଥମ ବାର୍ଷିକ ପରୀକ୍ଷା ତୁରନ୍ତ ଅନଲାଇନ ମାଧ୍ୟମରେ କରାଯାଉ

ଭୁବନେଶ୍ୱର (ପିଏନ୍)- ଓଡ଼ିଶା ଡି ଫାର୍ମାସି ଛାତ୍ର ଆସୋସିଏସନ ପକ୍ଷରୁ ଡି ଫାର୍ମା ଛାତ୍ରଙ୍କର ପ୍ରଥମ ବାର୍ଷିକ ପରୀକ୍ଷା ଅନଲାଇନ ମାଧ୍ୟମରେ କରିବାପାଇଁ ଡାଇରେକ୍ଟର ଅଫ ଡ୍ରଗ୍ସ କଣ୍ଟ୍ରୋଲର ପରିସରରେ ଥିବା ଓଏସବିପି କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଯେଉଁ ଆନ୍ଦୋଳନ କରିଥିଲେ ତାହାକୁ ସମର୍ଥନ ଜଣାଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ସେଠାରେ ପଂହଚି ଆନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଓଡିଶା ଷ୍ଟେଟ ଫାର୍ମାସି ବୋର୍ଡ (ଓଏସବିପି) ସଂପୃକ୍ତ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଓ ପରୀକ୍ଷାକୁ ନେଇ ଖେଳ ଖେଳୁଛନ୍ତି ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି। ଗତ ୨୦୨୧ ବର୍ଷ ନଭେମ୍ବର ଶେଷ ସପ୍ତାହରେ ଓଏସ୍‌ବିପି ବିଜ୍ଞାପନ ଦେଇଥିଲା ଯେ ଡିସେମ୍ବର ପ୍ରଥମରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ପ୍ରଥମବର୍ଷ ପାଇଁ ପରୀକ୍ଷା ହେବ। ପୁଣି ଡିସେମ୍ବର ମାସରେ ଓଏସବିପି ପକ୍ଷରୁ ନୋଟିସ୍ ଜାରି କରାଗଲା ଯେ ୨୦୨୨ ଜାନୁଆରୀରେ ପ୍ରଥମବର୍ଷ ପାଇଁ ପରୀକ୍ଷା ହେବେ। ଗତ ଜାନୁଆରୀ ୧୧ ତାରିଖରେ ସମସ୍ତ ପ୍ରଥମବାର୍ଷିକ ଛାତ୍ରଛାତ୍ରୀ ଭୁବନେଶ୍ୱର ସ୍ଥିତ ଓଏସବିପି କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମ ବାର୍ଷିକ ପରୀକ୍ଷା ପାଇଁ ଦାବି ଜଣାଇ ଆନ୍ଦୋଳନ କରିଥିଲେ। ଓଏସବିପି କର୍ତୃପକ୍ଷ ପ୍ରଥମ ବର୍ଷ ପରୀକ୍ଷାର ଚୂଡ଼ାନ୍ତ ନିଷ୍ପତି ଜାନୁଆରୀ ୨୧ ଭିତରେ ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜାନୁଆରୀ ୧୮ ତାରିଖରେ ଓଏସବିପି କର୍ତୃପକ୍ଷ ନୋଟିସ ଜାରିକଲେ ଯେ କରୋନାର ତୃତୀୟ ଲହର କମିଲେ ପ୍ରଥମ ବାର୍ଷିକ ପରୀକ୍ଷା ହେବ ଏବଂ ଏବେ ଦ୍ୱିତୀୟ ବର୍ଷ ପାଇଁ ଅନଲାଇନ ମାଧ୍ୟମରେ ପଢ଼ାପଢ଼ି ଜାରିରଖ। ଫାର୍ମାସି ଛାତ୍ରଛାତ୍ରୀ ମାନଙ୍କର ଦାବି ଏହିକିଯେ ତୁରନ୍ତ ପ୍ରଥମବର୍ଷ ପରୀକ୍ଷା ଅନଲାଇନ ମାଧ୍ୟମରେ କରାଯାଉ। ଏବେ ଦ୍ୱିତୀୟ ବର୍ଷ ପାଠପଢ଼ା ସହ ପ୍ରଥମ ବର୍ଷର ପରୀକ୍ଷା ପାଇଁ ପ୍ରସ୍ତୁତି ଜାରିରଖିବା କଷ୍ଟସାଧ୍ୟ। ଛାତ୍ରଛାତ୍ରୀ ମାନଙ୍କ ଉପରେ ଏହାଦ୍ୱାରା ମାତ୍ରାଧିକ ବୋଝ ଲଦି ଦିଆଯାଉଛି। ନିଜର ହକ ପାଇଁ ଲଢ଼େଇ କରୁଥିବା ଛାତ୍ରଛାତ୍ରୀ ମାନଙ୍କୁ ପୋଲିସ ଲଗାଇ ଦମନ କରାଯାଉଥିବାର ଅଭିଯୋଗ ହୋଇଛି। ଓଏସବିପିର କର୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନବକିଶୋର ଦାସ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଯଥାଶୀଘ୍ର ଛାତ୍ରଛାତ୍ରୀମାନଙ୍କର ପ୍ରଥମ ବାର୍ଷିକ ପରୀକ୍ଷା ଅନଲାଇନ ମାଧ୍ୟମରେ ସମାପନ କରନ୍ତୁ। ନହେଲେ ପ୍ରଦେଶ ଛାତ୍ର କଂଗ୍ରେସ ଫାର୍ମାସୀ ଛାତ୍ରଙ୍କର ନ୍ୟାର୍ଯ୍ୟ ଦାବିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଆଗରେ ବିକ୍ଷୋଭ କରିବ।

## ଶିରିଡି ସାଇବାବାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡ଼ା ପଞ୍ଚାୟତର ବଡ଼ନାଇଁପୁର ସ୍ଥିତ ଟିଭିଏସ ଷ୍ଟୋରରୁମ ନିକଟରେ ଶିରିଡ଼ି ସାଇବାବାଙ୍କ ଏକ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ କୋଭିଡ ନିୟମ ଅନୁପାଳନପୂର୍ବକ ଅନୁଷ୍ଠିତ ହୋଇ ଯାଇଛି। ସମୀର ମୋଟର୍ସର ପ୍ରୋପାଇଟର ସମୀର କୁମାର ଚାନ୍ଦଙ୍କ ପକ୍ଷରୁ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଛି। ବୈଦିକ ରୀତି ନୀତି ଅନୁଯାଇ ଷୋଡ଼ଶ ଉପଚାରରେ ଅଙ୍କୁରାରୋପଣ, ଅଧିବାସ, କଳସ ଶୋଭାଯାତ୍ରା ପ୍ରଭୃତି କରାଯାଇ ବାବାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମୀର ମୋଟର୍ସର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସାଂସଦ ଜୁଏଲ ଓରାମଙ୍କର ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାରକୁ ନେଇ ପ୍ରତିବାଦ ବିକ୍ଷୋଭ

ରାଉରକେଲା (ପିଏନ୍): ସୁନ୍ଦରଗଡ ସାଂସଦ ଶ୍ରୀ ଜୁଏଲ ଓରାମ ଜଣେ ମହିଳା କର୍ମୀଙ୍କୁ ଯେଉଁଭଳି ଅସଦାଚରଣ କଲେ ତାହା ସୁନ୍ଦରଗଡ ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି। ଭାରତୀୟ ଜନତା ପାର୍ଟିର ଜଣେ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ତାଙ୍କ କୁତ୍ସିତ ମାନସିକତାର ପରିଚାୟକ ବୋଲି ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ କୁହାଯାଇ ଏହି ଘଟଣାର ତୀବ୍ର ନିନ୍ଦା କରାଯାଇଛି। ସମ୍ପୃକ୍ତ ସାଂସଦଙ୍କ ବିରଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂଙ୍କ ନେତୃତ୍ୱରେ ସ୍ଥାନୀୟ ବିଶ୍ରା ଛକଠାରେ ଏକ ପ୍ରତିବାଦ ବିକ୍ଷୋଭ କରାଯାଇ ସାଂସଦ ଶ୍ରୀ ଓରାମଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜର୍ଜ ତିର୍କୀ ଓ ପୂର୍ବତନ ସଭାପତି ଶ୍ରୀ ବିରେନ ସେନାପତି ପ୍ରମୁଖ ଉପସ୍ଥିତ ରହି ସାଂସଦଙ୍କ ବିରୁଦ୍ଧରେ ଥାନାରେ ଏତଲା ଦାୟର କରିଥିବାରୁ ପୋଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହା ସହିତ ଭାଜପା ନେତୃତ୍ୱ ମହିଳାଙ୍କ ସମ୍ମାନ ଓ ସୁରକ୍ଷା ଏବଂ ବେଟି ପଢାଓ ବେଟୀ ବଚାଓ କଥା କହୁଥିବା ଭାରତୀୟ ଜନତା ପାର୍ଟିର ନେତୃତ୍ୱଙ୍କ ବିରୁଦ୍ଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦଳରୁ ବହିଷ୍କାର କରିବାକୁ ଦାବି କରିଥିଲେ। ସମ୍ପୃକ୍ତ ସାଂସଦଙ୍କର ଯଦି ସାମାନ୍ୟତମ ନୈତିକତା ଥାଏ ତେବେ ସାଂସଦ ପଦବୀରୁ ତୁରନ୍ତ ଓହରି ଯାଇ ତାଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗର ତଦନ୍ତକୁ ସ୍ୱାଗତ କରିବାକୁ ନେତୃବୃନ୍ଦ ଆହ୍ୱାନ ଜଣାଇଥିଲେ। ଯଦି ସମ୍ପୃକ୍ତ ସାଂସଦଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ସୁନ୍ଦରଗଡ ଜିଲ୍ଲାର ମହିଳାମାନଙ୍କ ସମ୍ମାନ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା କଂଗ୍ରେସ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଏହି ଅବସରରେ ମହିଳା ନେତୃବୃନ୍ଦ ଚେତାବନୀ ଦେଇଥିଲେ। ନିଶାଗ୍ରସ୍ତ ହୋଇ ଜଣେ ଲୋକପ୍ରତିନିଧି ମହିଳାଙ୍କ ପ୍ରତି ଯେଉଁଭଳି ଅଶାଳୀନ ବ୍ୟବହାର କରିଛନ୍ତି, ତାକୁ କଦାପି ମହିଳା କଂଗ୍ରେସ ବରଦାସ୍ତ କରିବ ନାହିଁ ବୋଲି ନାରୀନେତ୍ରୀମାନେ କହିବା ସହ ସାଂସଦଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି କୀର୍ତ୍ତନ ଦାସ, ମୁଖପାତ୍ର କୈଳାସ ସାହୁ ଓ ଗିରିଜାଶଙ୍କର ମିଶ୍ର, ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ପିସିସି ସାଧାରଣ ସମ୍ପାଦିକା ତୁଳସୀ ନାଗ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ସମ୍ପାଦିକା ବିଜୟଲକ୍ଷ୍ମୀ ପ୍ରଧାନ, ବ୍ଲକ୍ ସଭାପତି ବିଜୟ ଆପଟ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ନାରୀନେତ୍ରୀ ସୁନୀତା ଲାକ୍ରା, ସରିତା ଟପ୍ପୋ, ରୁକସାନା ବେଗମ, ଝୁନୁ ପଟ୍ଟନାୟକ, ସରିତା କୁଲ୍ଲୁ, ଅମ୍ରିତ କୌର, ବୁଲୁ ଦାସ, ସୁଧୀର ଚୌହାନ, ଇନଟକ ଅଧ୍ୟକ୍ଷ ନିହାର ଦାସ, ରେହେମାନ ଖାନ, ବିଜୟ ପଟ୍ଟନାୟକ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ରାମାନନ୍ଦ ଶ୍ରୀଚନ୍ଦନ, ଭସ୍କର ଖିଲ୍ଲାର ପ୍ରମୁଖଙ୍କ ସମେତ ଶତାଧିକ ମହିଳା କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ରାଜ୍ୟର ବିଭିନ୍ନ ରେଳଷ୍ଟେସନରେ ପ୍ରଦେଶ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ରେଳବାଇ ନିଯୁକ୍ତି ବୋର୍ଡର ଏନଟିପିସି ପରୀକ୍ଷାର ତ୍ରୁଟି ସଂଶୋଧନ ଓ ଗ୍ରୁପ-ଡି କ୍ୟାଟେଗୋରିର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ନକରିବା ଦାବିରେ ସାରା ଓଡ଼ିଶାର ବିଭିନ୍ନ ରେଳଷ୍ଟେସନରେ ଓ ଭୁବନେଶ୍ୱର ରେଳଷ୍ଟେସନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଛାତ୍ର କଂଗ୍ରେସ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ଯାଇ ଭୁବନେଶ୍ୱର ରେଳଷ୍ଟେସନ ଆଗରେ ବିକ୍ଷୋଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଛନ୍ତି ଯେ ସାଧାରଣ ନିର୍ବାଚନ-୨୦୧୯ ପୂର୍ବରୁ ନିଯୁକ୍ତିର ସ୍ୱପ୍ନ ଦେଖାଇ ବେକାର ଯୁବକ ଯୁବତୀମାନଙ୍କ ଭୋଟ ହାତେଇବା ମୋଦି ସରକାର ବା ବିଜେପି ଦଳର ଏକ ନିର୍ବାଚନୀ ଷ୍ଟ୍ରାଟେଜୀ। ସାଧାରଣ ନିର୍ବାଚନ - ୨୦୧୯ ପୂର୍ବରୁ ଜାନୁଆରୀ ମାସରେ ତତ୍କାଳୀନ ରେଳବାଇ ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲ ରେଳବାଇରେ ୪ଲକ୍ଷ ପଦବୀ ପୂରଣ କରିବେ ବୋଲି ଘୋଷଣା କଲେ। ୨୦୧୪ ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦୀ ନିଜେ ଘୋଷଣା କରିଥିଲେ ଯେ ସେ କ୍ଷମତାକୁ ଆସିଲେ ବର୍ଷକୁ ୨କୋଟି ନିଯୁକ୍ତି ଦେବେ। ମାତ୍ର ନିର୍ବାଚନ ପରେ ଅଦ୍ୟାବିଧି ସେ ତାଙ୍କ ପ୍ରତିଶ୍ରୁତି ପାଳନ କରିପାରି ନାହାଁନ୍ତି। ଏ ଦେଶରେ ବେକାର ଯୁବକ ଯୁବତୀଙ୍କୁ ସେ ପ୍ରତାରିତ କରିଛନ୍ତି। ତାଙ୍କର 'ପକୋଡ଼ା ନିଯୁକ୍ତି' ପ୍ରସଙ୍ଗ ଏ ଦେଶର ବେକାର ଯୁବକ ଯୁବତୀଙ୍କୁ କ୍ଷୁବ୍ଧ କରିଛି।

ଏଠାରେ ପ୍ରକାଶ ଥାଉକି ୨୦୧୯ ମସିହା ଜାନୁଆରୀ ମାସରେ ରେଳବାଇ ନିଯୁକ୍ତି ବୋର୍ଡ ନନଟେକିନିକାଲ ପପୁଲାର କ୍ୟାଟେଗୋରୀ (ଏନ.ଟି.ପି.ସି)ରେ ଅନ୍ତର୍ଭୁକ୍ତ ଖାଲିଥିବା ୩୫, ୨୮୧ ପଦବୀ ପାଇଁ ବିଜ୍ଞାପନ କଲେ। ଜୁନିଅର କ୍ଲର୍କ, ଟ୍ରେନ ଆସିଷ୍ଟାଂଟ, ଗାର୍ଡ଼, ଟାଇମ କିପର ଠାରୁ ଆରମ୍ଭ କରି ଷ୍ଟେସନ ମାଷ୍ଟର ପର୍ଯ୍ୟନ୍ତ ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିଲା। ଘୋଷିତ ୩୫,୨୮୧ ପଦବୀ ମଧ୍ୟରୁ ୧୦,୬୨୮ ପଦ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ୧୦ମ ଓ ଯୁକ୍ତ୨ ରହିଥିବା ବେଳେ ୨୪,୬୪୯ ପଦଲାଗି ସର୍ବନିମ୍ନ ଯୋଗ୍ୟତା ସ୍ନାତକ ଡିଗ୍ରୀ ରହିଥିଲା। ୨୦୨୦ ଡିସେମ୍ବର ୨୦୨୧ ଜୁଲାଇ ମଧ୍ୟରେ ୭ଟି ପର୍ଯ୍ୟାୟରେ ୧୩ଟି କ୍ୟାଟେଗୋରି ପାଇଁ ପରୀକ୍ଷା କରାଗଲା। ଏହି ପରୀକ୍ଷାରେ ପ୍ରାୟ ୧ କୋଟି ୨୫ ଲକ୍ଷ ପରୀକ୍ଷାର୍ଥୀ ସି.ବି.ଟି -୧ (Computer Based Test) ଦେଇଥିଲେ। ପରୀକ୍ଷାଫଳ ୨୦୨୨ ଜାନୁଆରୀ ୧୪-୧୫ ରେ ପ୍ରକାଶିତ ହେବାପରେ ଏଥିରେ ବ୍ୟାପକ ତ୍ରୁଟି ଦେଖି ବିହାର, ଉତର ପ୍ରଦେଶ ପ୍ରଭୃତି ଅନ୍ୟାନ୍ୟ ରାଜ୍ୟରେ ପରୀକ୍ଷାର୍ଥି ମାନେ ବ୍ୟାପକ ଆନ୍ଦୋଳନ କରିଥିଲେ।

ଏଠାରେ ପ୍ରଶ୍ନଉଠେ ୩୫,୨୮୧ ପଦବୀର ୨୦ ଗୁଣ ଯଥା ୭ଲକ୍ଷ ପରୀକ୍ଷାର୍ଥୀଙ୍କୁ ସର୍ଟଲିଷ୍ଟ କରାଯାଇଛି ବୋଲି ରେଳବାଇ ପକ୍ଷରୁ ସଫେଇ ଦିଆଯାଇଛି। ମାତ୍ର ବାସ୍ତବରେ ୩ଲକ୍ଷ ପରୀକ୍ଷାର୍ଥୀଙ୍କୁ ଚୟନ କରାଯାଇଛି। କାରଣ ଜଣେ ବ୍ୟକ୍ତି ୪ରୁ ୫ଟି ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ରେଳବାଇ ବିଭାଗ ଯେଉଁ ୭ଲକ୍ଷ କଥା କହୁଛନ୍ତି ତାହା କେବେଳ ୭ ଲକ୍ଷ ରୋଲ ନମ୍ବର କିନ୍ତୁ ୭ ଲକ୍ଷ ପରୀକ୍ଷାର୍ଥି ନୁହଁନ୍ତି। ରେଳବାଇ ବିଭାଗର ତ୍ରୁଟି ପାଇଁ ଜଣେ ବ୍ୟକ୍ତି ୩-୪ ଟି ବିଭାଗରେ ଉର୍ତୀଣ୍ଣ ହୋଇଛନ୍ତି। ଅନ୍ୟପକ୍ଷରେ ୨୦୧୯ ମସିହାରେ ରେଳବାଇ ନିଯୁକ୍ତି ବୋର୍ଡ ଗ୍ରୁପ-ଡିର ୧୦୩୭୬୯ପଦବୀ ପୂରଣ ପାଇଁ ବିଜ୍ଞାପନ ଜାରି କଲେ। ତିନିବର୍ଷ ଭିତରେ ତାର ପରୀକ୍ଷା କରାଇଲେ ନାହିଁ। ଏବେ ୨୦୨୨ ମସିହା ଫେବୃଆରୀ ୨୩ ତାରିଖରେ ପରୀକ୍ଷା କରାଯିବ ବୋଲି ରେଳବାଇ ପକ୍ଷରୁ ଘୋଷଣା କରାଗଲା। ଏଥିରେ ପ୍ରାଥମିକ ଓ ମୁଖ୍ୟ ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ହେବବୋଲି କୁହାଗଲା। ପୂର୍ବରୁ କେବଳ ଗୋଟିଏ ପର୍ଯ୍ୟାୟରେ ପରୀକ୍ଷା ହେବ ବୋଲି କୁହାଯାଇଥିଲା। ଏବେ ପୂର୍ବ ନିଷ୍ପତିକୁ ବଦଳାଇ ଗ୍ରୁପ-ଡିରେ ଦୁଇଟି ପରୀକ୍ଷା କରାଯିବା ପାଇଁ ଘୋଷଣା କରାଯିବାରୁ ପରୀକ୍ଷାର୍ଥିମାନେ କ୍ଷୁବ୍ଧ ହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଗ୍ରୁପ-ଡିରେ ମଧ୍ୟ ୧ କୋଟିର ଉର୍ଦ୍ଧ୍ୱ ପରୀକ୍ଷାର୍ଥି ଆବେଦନ କରିଛନ୍ତି।

**ପ୍ରଦେଶ ଛାତ୍ର କଂଗ୍ରେସର ଦାବି:** ଆର.ଆର.ବି. ଏନଟିପିସି ପରୀକ୍ଷାର ତୃଟି ସଂଶୋଧନ କରି ଖାଲିଥିବା ପଦବୀର ୨୦ଗୁଣ ପରୀକ୍ଷାର୍ଥିଙ୍କୁ ସିବିଟି -୨ ପାଇଁ ସୁଯୋଗ ଦିଆଯାଉ। ଜଣେ ପରୀକ୍ଷାର୍ଥିଙ୍କୁ କେବଳ ଗୋଟିଏ ବିଭାଗ ପାଇଁ ସୁଯୋଗ ଦିଆଯାଉ। ୭ ଲକ୍ଷ ରୋଲ ନଂ ନୁହେଁ ଠିକ ୭ଲକ୍ଷ ପରୀକ୍ଷାର୍ଥୀଙ୍କୁ ସିବିଟି-୨ ପାଇଁ ଯୋଗ୍ୟ କରାଯାଉ। ଗ୍ରୁପ-ଡି ର ପରୀକ୍ଷାକୁ ଦୁଇଟି ପର୍ଯ୍ୟାୟ ନ କରାଯାଇ ଗୋଟିଏ ପର୍ଯ୍ୟାୟରେ କରାଯାଉ। ବିହାର ଓ ଉତର ପ୍ରଦେଶ ପ୍ରଭୃତି ରାଜ୍ୟରେ ଯେଉଁଠି ପରୀକ୍ଷାର୍ଥୀ ମାନେ ରେଳବାଇର ଅନ୍ୟାୟ ବିରୁଧରେ ପ୍ରତିବାଦ କରିଛନ୍ତି ସେମାନଙ୍କୁ ପୋଲିସ / ରେଳବାଇ କତୃପର୍କ୍ଷ ନିର୍ମମ ଭାବରେ ଆକ୍ରମଣ କରିଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ରତିଶୋଧପରାୟଣ ହୋଇ ରେଳବାଇ କତୃପର୍କ୍ଷ ଆନ୍ଦୋଳନ କରିଥିବା ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଯେଉଁ ନିଷ୍ପତି ଗ୍ରହଣ କରିଛନ୍ତି ସେଥିରୁ ସେମାନେ ବିରତ ରୁହନ୍ତୁ। ଭୁବନେଶ୍ୱର ରେଳବାଇ ଷ୍ଟେସନ ଆଗରେ ଆଜିର ବିକ୍ଷୋଭ କାର୍ଯ୍ୟକ୍ରମରେ ବିଶ୍ୱଭୂଷଣ ମହାପାତ୍ର, ବାବୁ ଜେନା, ରଂଜିତ ସେନାପତି, ସାହାରୁଖ ଖାନ, ଅଖିଳେଷ ଯାଦବ, ବିଭୁତି ଭୂଷଣ ମହାପାତ୍ର, ମହମ୍ମଦ ସମିଉଲ, ମୁନା ପରିଡ଼ା, ନିଆଜୁଲ ଇସ୍‌ଲାମ, ଉଦ୍ଦିତ ପ୍ରଧାନ, ରାଜଲକ୍ଷ୍ମୀ ସାହୁ, ମିର ରିଆଜ, ସନ୍ତୋଷ ଭୋଳ, ଆର୍ଯ୍ୟାନ ଶାସମଲ, ସାମସଂ ଦାସ, ବିଶ୍ୱଜିତ ସ୍ୱାଇଁ, ରାଜଦ୍ୱୀପ ବେହେରା, ସୟଦ ସୋଏବ ଅଲ୍ଲୀ, ନଇମ ମହମ୍ମଦ, ସେକ ଜାହିର, ଜାହିର ଖାନ, ଚନ୍ଦନ ନାୟକ, ଚିତରଂଜନ ନାୟକ, ଏସ୍‌କେ ରାଜ, ଅମିତ ନାୟକ, ସଫଳ ସମନ୍ୱୟ, ଶ୍ରୀନନ୍ଦ ଅଭିଶେକ, ଆର୍ଯ୍ୟାନ ଦାସ ଓ ଲବିତ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅଖିଳ ଭାରତର ଦୁଃଖୀ ସମାଜ ପକ୍ଷରୁ ବିଶାଳ ରକ୍ତଦାନ ଶିବିର ଏବଂ ସହର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ବିଶାଳ ରକ୍ତଦାନ ଶିବିର ଗତ ମାସ ୨୪ ତାରିଖ ସୋମବାର ଦରଘା ମଇଦାନ ଠାରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ଥିତ ହୁଜୁର ଛୋଟେ ସରକାର ବାବାଙ୍କର ଜନ୍ମ ଜୟନ୍ତୀ ଉପଲକ୍ଷେ ପ୍ରତେକ ବର୍ଷ ଏହି ଦିବସରେ ଏକକାଳୀନ ବାଲେଶ୍ୱର ସମେତ ଭଦ୍ରକ ଏବଂ ସୋରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସକାଳେ ବାଲେଶ୍ୱର ବିଧାୟକ ସ୍ୱରୁପ କୁମାର ଦାସ ପ୍ରଥମ ରକ୍ତଦାତା ଭାବେ ରକ୍ତଦାନ କରି ଏହାର ଶୁଭାରମ୍ଭ କରିଥିଲେ। ସହର ତଥା ଆଖପାଖ ଅଞ୍ଚଳର ଛୋଟେ ସରକାର ବାବାଙ୍କର ଭକ୍ତମାନେ ବହୁ ସଂଖ୍ୟାରେ ଆସି ରକ୍ତଦାନ କରିଥିବା ଲକ୍ଷ୍ୟ କରାଯାଇଥିଏଲା। ତେବେ ଏହି ଶିବିରରେ ଶତାଧିକ ମହିଳା ରକ୍ତଦାତା ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ରକ୍ତ ସଂଗ୍ରହ କରିବା ପାଇଁ କଟକ ବଡ଼ ମେଡିକାଲରୁ ୧୮ ଜଣିଆ ଟିମ ଏବଂ ବାଲେଶ୍ୱର ରକ୍ତଭଣ୍ଡାରରୁ ୨୩ ଜଣିଆ ଟିମ ରକ୍ତ ସଂଗ୍ରହ କାର୍ଯ୍ୟ ସଂପାଦନ କରିଥିଲେ। ଦରଘା ମଇଦାନଠାରେ ଦିବସବ୍ୟାପୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ରାଜ୍ୟ ମହିଳା ବିଜେଡିର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ରାଜ୍ୟ ବିଜେଡି ଯୁଗ୍ମ ସଂପାଦକ ସତ୍ୟରଞ୍ଜନ ଦାସ, ପୂର୍ବତନ ନଗରପାଳ ଆଲୋକ ସାହୁ, ଯୁବନେତା ବିକ୍ରମ ପଣ୍ଡା, ସାହିରୂଲ ହକ, ସଲିମ ରାଜା, ଶାନ୍ତନୁ ଦାସ, ଯୁବ ସମାଜସେବୀ ତଥା ସାମ୍ବାଦିକ ହାଇଦର ଖାନ, ସେଖ ରାଜୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଆୟୋଜକମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ତେବେ ସର୍ବାଧିକ ରକ୍ତ ସଂଗ୍ରହ କରିବାରେ ବାଲେଶ୍ୱର ଇତିହାସରେ ଏହି ଶିବିର ରେକର୍ଡ ସୃଷ୍ଟି କରିଛି; ମୋଟ ୧୦୫୬ ୟୁନିଟ ରକ୍ତ ସଂଗୃହିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସକାଳେ ସହର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଦୁଃଖୀ ସମାଜ ବାଲେଶ୍ୱର ୟୁନିଟର ସଭାପତି ସେଖ ଆୟୁବ (ଶିବୁ), ସମ୍ପାଦକ ନାତିକ ଖାନ, ରାଜ୍ୟ କମିଟିରୁ ସେଖ ଆଲାଉଦ୍ଦିନ, ପରାମର୍ଶଦାତା ମହମ୍ମଦ ହେମାୟୁନ ଉପସ୍ଥିତ ଥିବା ବେଳେ ସେଖ ମେହେମୁଦ, ସେଖ କେଫାତୁଲ୍ଲା, ସଲିମ ରାଜା, ଅବଦୁଲ ସମିର, ସେଖ ସବିର, ସେଖ ଭାନୁ, ସେଖ ଆସଲମ, ସେଖ ସମସେର, ସେଖ ପପ୍ପୀ, ସେଖ ଗରା, ଜମିଲ କାଦ୍ରୀ, ସେଖ ଆରିଫ, ଗୋଲାମ ମନସୁର, ସେଖ ରାକିବ, ସେଖ ଜିସାନ ଅଲି ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ଖୋର୍ଦ୍ଧାର ଦୁଇ ଅବସରପ୍ରାପ୍ତ ଶିକ୍ଷିକା ଶିକ୍ଷକଙ୍କ ପରଲୋକ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ପ୍ରାକ୍ଟିସିଂ, ମୁକୁନ୍ଦପ୍ରସାଦ ୟୁଜୁୟୁପିରେ ଦୀର୍ଘକାଳ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରି ଖୁଦୁପୁରୁ ୟୁଜୁୟୁପି ସ୍କୁଲରୁ ପ୍ରଧାନ ଶିକ୍ଷୟିତ୍ରୀ ପଦରୁ ଅବସର ଗ୍ରହଣ କରିଥିବା ହରଷ ମହାନ୍ତି (୬୮)ଙ୍କର କର୍କଟ ରୋଗରେ ପରଲୋକ ହୋଇଛି। ସେ ଖୋର୍ଦ୍ଧା-ନୟାଗଡ଼ ରୋଡ଼ରେ ରହୁଥିବା ଶିକ୍ଷକନେତା ନବକିଶୋର ମହାନ୍ତିଙ୍କର ଧର୍ମପତ୍ନୀ ଅଟନ୍ତି। ଅରାଙ୍ଗ ଉପ୍ରା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଦାମୋଦର ପାଣିଗ୍ରାହୀଙ୍କର ସଂସ୍କାର ଭାରତୀ ସମ୍ମୁଖ ବାସଭବନରେ ୭୧ ବର୍ଷ ବୟସରେ ପରଲୋକ ହୋଇଛି। ସେ ଜଣେ ଆଦର୍ଶ ଶିକ୍ଷକ ରୂପେ ପରିଚିତ ଥିଲେ। ସେମାନଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ଆଡ଼ଭୋକେଟ ବସନ୍ତ କୁମାର ଦାଶ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ବୈଦ୍ୟନାଥ ବରାଳ, ରବି ଶତପଥୀ, ପରମାନନ୍ଦ ସାହୁ, ପ୍ରସନ୍ନ ଛୁଆଳସିଂହ ଓ ନାରାୟଣ ରାଉଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ସାମାଜିକ ସନ୍ତୁଳନ ପାଇଁ ବ୍ୟଙ୍ଗ କଟାକ୍ଷ ଲୋଡ଼ା

ଖୋର୍ଦ୍ଧା (ପିଏନ୍): ହାସ୍ୟରସ ବା କଟାକ୍ଷ ହେଉଛି ଆମ ସାହିତ୍ୟର ବଡ଼ ଅଙ୍ଗ। ଏହା ମାଧ୍ୟମରେ ସମାଜର ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବ୍ୟଙ୍ଗ କଥାକାର ତଥା ନାଚୁଣୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କ ରମ୍ୟଗଳ୍ପ ସଂକଳନ 'କାଙ୍ଗାଳୀ ଗୁରୁ' ଲୋକାର୍ପିତ ହୋଇଯାଇଛି। ପବିତ୍ର ଶ୍ରୀରାମ ନବମୀ ଅବସରରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଆମରିସତ୍ୟ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ସଂଭାଷଣ ଦେଇ ପୁସ୍ତକର ଲେଖକ ଡ. ନାୟକ କହିଥିଲେ ଯେ, ସ୍କୁଲରେ ପଢିବାବେଳୁ ସେ ଲେଖାଲେଖି ଆରଂଭ କରିଛନ୍ତି। ସମାଜକୁ ଉଚିତ ମାର୍ଗଦର୍ଶନ ପାଇଁ ନାଟକ ତଥା ବ୍ୟଙ୍ଗ ମାଧ୍ୟମରେ ପ୍ରୟାସ କରିଆସିଛନ୍ତି। କାଙ୍ଗାଳୀ ଗୁରୁ ଗଳ୍ପଟି ପ୍ରଥମେ ୨୦୦୯ ମସିହାରେ ପ୍ରାଣନାଥ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ପ୍ରତୀକ'ରେ ପ୍ରକାଶ ପାଇଁ ଆଦୃତି ଲାଭ କରିଥିଲା। ତେଣୁ ଏହି ନାମରେ ପୁସ୍ତକର ନାମକରଣ କରାଯାଇଥିବାବେଳେ କାଙ୍ଗାଳୀ ବାବା ସମେତ ସମୁଦାୟ ୧୫ଟି ଗପ ଏଥିରେ ସନ୍ନିବେଶିତ କରାଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଧାୟକ ଜିତୁ ମିତ୍ର ଯୋଗଦେଇ ପୁସ୍ତକଟି ବିପଥଗାମୀ ସମାଜକୁ ସୁଧାରିବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବୀରବଲ, ଯଦୁମଣି, ଗୋପାଳ ଭାଣ୍ଡ ପ୍ରମୁଖଙ୍କ ଉଦାହରଣ ଦେଇ ଛୋଟ ଛୋଟ କାହାଣୀର ଅବତାରଣା କରିଥିଲେ, ଯାହାକି ହାସ୍ୟରୋଳ ସୃଷ୍ଟି କରିଥିଲା। ରାଜନୈତିକ ତଥା ସମାଜିକ ବ୍ୟବସ୍ଥା ପ୍ରତି କଟାକ୍ଷ ହେଲେ ତୋଷାମୋଦକାରୀଙ୍କ ନ୍ୟସ୍ତ ସ୍ୱାର୍ଥରେ ଅଙ୍କୁଶ ଲାଗିବା ସହ ସାମାଜିକ ସନ୍ତୁଳନ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ ଯେ, ଡ. ନାୟକ ପ୍ରାଣନାଥ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଥିବାବେଳେ ତାଙ୍କର ପ୍ରଥମ ବ୍ୟଙ୍ଗପୁସ୍ତକ 'ମଖନବାଜି' ଲେଖି ଉଚ୍ଚପ୍ରଶଂସିତ ହୋଇଥିଲେ। ସଂପ୍ରତି 'କାଙ୍ଗାଳୀ ଗୁରୁ' ପୁସ୍ତକ ସେହିଭଳି ପାଠକୀୟ ଆଦୃତି ଲାଭ କରିବ ବୋଲି ସେ ଆଶାପ୍ରକଟ କରିଥିଲେ। ବରେଣ୍ୟ ଅତିଥି ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ଡ. ବିଭୂତି ଭୂଷଣ ମିଶ୍ର ପୁସ୍ତକର ଅନୁଶୀଳନ ପୂର୍ବକ କହିଥିଲେ ଯେ, ବିଜ୍ଞାନଭିତ୍ତିକ ଲେଖା ଅପେକ୍ଷା ରମ୍ୟ ରଚନା କଷ୍ଟକର। ଚରିତ୍ର ଭିତରେ ପଶିଲେ ଯାଇ ଲେଖିପାରିବେ, ଯାହା ଡ. ନାୟକ କରିଛନ୍ତି। ସମ୍ମାନିତ ଅତିଥି ବିଶିଷ୍ଟ କଥାକାର ଡ. ପଦ୍ମଜ ପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଲେଖକ ସମାଜ ପ୍ରତି ସଚେତନ ରହି ନିଜକୁ ଉନ୍ମୁକ୍ତ କଲେ ଲେଖା ବଳଶାଳୀ ହୁଏ। ଅନ୍ୟତମ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ. ଶରଚ୍ଚନ୍ଦ୍ର ମହାପାତ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟର ବ୍ୟଙ୍ଗସାହିତ୍ୟ ସଂପର୍କରେ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ। ଅବସରପ୍ରାପ୍ତ ମୁଖ୍ୟ ବନ ସରଂକ୍ଷକ ତଥା ପ୍ରାବନ୍ଧିକ ବିଜୟ କେତନ ପଟ୍ଟନାୟକ ନିଜର ସଂକ୍ଷିପ୍ତ ଭାଷଣରେ ସାମାନ୍ୟ କଟାକ୍ଷ ଓ ଶାଣିତ କଟାକ୍ଷ ସଂପର୍କରେ ବିଶ୍ଳେଷଣ କରିଥିଲେ। ଆବାହକ ଡ. ପ୍ରମୋଦ ଚନ୍ଦ୍ର ଦାଶ ପୁସ୍ତକରେ ସ୍ଥାନ ପାଇଥିବା ବିଭିନ୍ନ ଗପ କାଙ୍ଗାଳୀ ଗୁରୁ, ଆଉ ଜଣେ ଠେଙ୍ଗୁ ଦାସ, ପଞ୍ଚୁ ସପକ୍ଷରେ, ଅତିଭକ୍ତି, ଧଣ୍ଡବୁଢ଼ା,ବାନା ସାର, ବାୟା ସାର୍, ପିତା ଓ ପୁତ୍ର, ଅନେଶତ ବ୍ରତ, ମାରନା ସେ ମଲାଣି, ନିରୁଦ୍ଦିଷ୍ଟ କଲମ, ସାଆନ୍ତଙ୍କ ଗଳ୍ପ: ଗୋପପୁର, ଅଜାଙ୍କ ଗଳ୍ପ: ବ୍ରହ୍ମରାକ୍ଷସ, ବୋଉର ଗଳ୍ପ: କିଏରେ କିଏରେ, ବଡ଼ ପିଉସୀ, ସୀନ ପିଉସୀ ଆଦିର ସମୀକ୍ଷା କରିଥିଲେ। ଖୋର୍ଦ୍ଧା, ଭୁବନେଶ୍ୱର, ଜଟଣୀ, ବାଣପୁର, ବାଙ୍କୀ ତଥା ବିଭିନ୍ନ ଅଂଚଳରୁ ଆସିଥିବା କବି, ସାହିତ୍ୟିକ ତଥା ବୁଦ୍ଧିଜୀବୀମାନଙ୍କୁ ଲେଖକ ଡ. ନାୟକ ପୁସ୍ତକ ଉପହାର ଦେଇଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ଭୀମସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବାବେଳେ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

## ମୁଖ୍ୟ ବିକାଶ ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ନାଉଗାଁ ବିଡିଓ !

ନାଉଗାଁ,(ପି.ଏନ): ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟରେ ଶ୍ରମିକମାନଙ୍କ ଉପସ୍ଥାନ ଦର୍ଶାଇବା ପାଇଁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ରୋହିଆ, ଶିଖର, ତିରୁଣା ପଂଚାୟତର ଜିଆରଏସ୍ ଏନ୍‌ଏମ୍‌ଏମ୍‌ଏସ୍ ଆପ ମାଧ୍ୟମରେ ଫଟୋ ଅପଲୋଡ କରିଥିଲେ । ପୁରୁଣା ଫଟୋରୁ ଫଟୋ ଉତୋଳନ କରାଯାଇ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପଲୋଡ ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଯାହାକୁ ନେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏମ୍‌ଜିଏନ୍‌ଆରଇଜିଏସ୍ ଜିଲ୍ଲା ସଂଯୋଜିକା ପ୍ରାଚୀ ପରିଚିତା ମିଶ୍ର,ଏପିଓ ଜ୍ୟୋତିର୍ମୟ ନାୟକ,ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ସୁଶିଲ ରଂଜନ ସାହୁଙ୍କ ଦ୍ୱାରା ତଦନ୍ତ କରାଯାଇ ତଦନ୍ତ ରିପୋର୍ଟ ଦାଖଲ କରାଯାଇଥିଲା । ତଦନ୍ତ ରିପୋର୍ଟ ଆଧାରରେ ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏସ୍ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଜୋରିମାନା କରିବା ସହିତ କାରଣ ଦର୍ଶାଇବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏମ୍‌ଜିଏନ୍‌ଆରଇଜିଏସ୍ ଆଇନ ଉଲ୍ଲଙ୍ଘନ କରିଥିବା ଜିଆରଏସ୍‌ମାନେ ନାଉଗାଁ ବିଡିଓଙ୍କ ଅନୁମୋଦନକ୍ରମେ ପଦୋନ୍ନିତ ହୋଇ ଅନ୍ୟ ବ୍ଲକକୁ ବଦଳି ହୋଇଯାଇଥିବା ବେଳେ ସେମାନେ ଜୋରିମାନା ଦାଖଲ କରି ନଥିବା ବେଳେ କାରଣ ଦର୍ଶାଅ ନୋଟିସର ଜବାବ ଦାଖଲ କରି ନଥିବା ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟରୁ ଜଣାଯାଇଛି । ଯାହାକୁ ନେଇ ମୁଖ୍ୟ ବିକାଶ ଅଧିକାରୀଙ୍କ ନିର୍ଦ୍ଦେଶକୁ ନାଉଗାଁ ବିଡିଓ ମାନୁ ନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ସୂଚନା ମୁତାବକ ତତ୍କାଳିନ ଜିଆରଏସ ରୋହିଆ ପଂଚାୟତର ଇତିଶ୍ରୀ ପାଢ଼ୀ, ତିରୁଣାର ସରୋଜିନି ତ୍ରିପାଠୀ ଓ ଶିଖର ପଂଚାୟତର ସଂଜୟ ପରିଡାଙ୍କ ଦ୍ୱାରା ଏମ୍‌ଜି ଏନ୍‌ଆରଇଜିଏସ୍ କାର୍ଯ୍ୟରେ ଶ୍ରମିକମାନଙ୍କର ଉପସ୍ଥାନ ଦେଖାଇବା ପାଇଁ ମଷ୍ଟରରୋଲରେ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ପୁରୁଣା ଫଟୋକୁ ଅପଲୋଡ କରାଯାଇଥିଲା । ଯାହାକୁ ନେଇ ଖବର ପ୍ରକାଶ ପାଇବା ପରେ ୨୦୨୪ ଜାନୁଆରୀ ୧୬ରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ତଦନ୍ତ କରାଯାଇଥିଲା । ତଦନ୍ତ ରିପୋର୍ଟ ଅନୁସାରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ପତ୍ର ସଂଖ୍ୟା-୧୧୨୯, ୧୧୩୧, ୧୧୩୩, ତା ୪ ମାର୍ଚ୍ଚ ୨୦୨୪ରେ ସଂପୃକ୍ତ ଜିଆରଏସଙ୍କୁ ଜୋରିମାନା ସହିତ ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ନୋଟିସ ପ୍ରଦାନ କରାଯାଇଥିଲା । କିନ୍ତୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ନାଉଗାଁ ପଂଚାୟତ ସମିତି କାର୍ଯ୍ୟାଳୟର ପତ୍ର ସଂଖ୍ୟା-୧୮୭୮ ତା ୨୦ ଅଗଷ୍ଟ ୨୦୨୪ ଅନୁସାରେ ନାଉଗାଁ ବିଡିଓଙ୍କ ଦ୍ୱାରା ସଂପୃକ୍ତ ଜିଆରଏସଙ୍କ ଉପରେ କୌଣସି ପଦକ୍ଷେପ ନିଆଯାଇ ନଥିବା ଦର୍ଶାଯାଇଛି ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି।। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣ ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Tuesday October 22 ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୨୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଆଲୋଚନା ଚକ୍ର - ଅନୁବାଦ ସାହିତ୍ୟ ଏକ – କଳା

ଖୋରଧା,(ପି.ଏନ): ବିଜ୍ଞାନର ଅଭୁତପୂର୍ବ ବିକାଶ ଯୋଗୁ ଗୋଟିଏ ଦେଶର ଚିନ୍ତା ଚେତନା ଅକ୍ଲେଶରେ ଅନ୍ୟ ଏକ ଦେଶକୁ ସଂପ୍ରସାରିତ ହୋଇ ଯାଉଛି। ସାହିତ୍ୟ ମଧ୍ୟ ସେଥିରୁ ବାଦ୍ ପଡିନାହିଁ। ଏ କ୍ଷେତ୍ରରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଜିର ଆମରି ସତ୍ୟ ବିକାଶ ପରିଷଦ ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମଞ୍ଚାସିନ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଆମରି ସତ୍ୟର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱ କରି ଅନୁବାଦ ସାହିତ୍ୟ ବିଶ୍ୱମାନବ ପାଇଁ ଏକ ଗବାକ୍ଷ। ଏହା ଏକ କଳା। ଏହା ଦୁଇଟି ଭାଷା ମଧ୍ୟରେ ଯୋଗ ସୂତ୍ର ସ୍ଥାପନ କରିଥାଏ ବୋଲି ମତ ବ୍ୟକ୍ତ କରିଥିଲେ। ଆଲୋଚନା ଚକ୍ରରେ ମୂଖ୍ୟ ଅତିଥି ଭାବେ ଓଡିଶାର ସ୍ୱନାମଧନ୍ୟ ଅନୁବାଦକ ଆଶିଷ କୁମାର ରାୟ ଯାହାଙ୍କର ୨୦୦ରୁ ଉର୍ଦ୍ଧ୍ୱ ଅନୁବାଦ ଲେଖା, କାହାଣୀ,ପ୍ରବନ୍ଧ ଦେଶର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇଛି ତଥା ସାହିତ୍ୟ ଏକାଡେମୀ କୋଲକତା,ଏନବିଟି ଦ୍ୱାରା ଅନେକ ପୁସ୍ତକର ଅନୁବାଦକ ସେ ଯୋଗ ଦେଇ ନିଜର ବିଭିନ୍ନ ଅନୁବାଦ ସାହିତ୍ୟ ଉପରେ ଏକ ବିସ୍ତୃତ ଆଲୋକପାତ କରିଥିଲେ। ମୂଖ୍ୟବକ୍ତା ଭାବରେ



ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗ ଦେଇ ପ୍ରାଚୀନ ସାହିତ୍ୟକୁ ବିଭିନ୍ନ ଯସ୍ୱସୀ ଲେଖକ ତଥା କବିମାନଙ୍କର ଅନୁବାଦ ସାହିତ୍ୟ ତଥା କବିତା ସାହିତ୍ୟର ବାଣୀ ଭଣ୍ଡାରକୁ ରୁଦ୍ଧିମନ୍ତ କରିଛି ତାହାର ଏକ ବିସ୍ତୃତ ରେଖାପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିବା ଐତିହାସିକ ତଥା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାର ସିଂହ ନିଜର ବକ୍ତବ୍ୟରେ ଅନୁବାଦ ସାହିତ୍ୟର କିପରି ଆମକୁ ବିଭିନ୍ନ ଭାଷା ସହିତ ସମ୍ପର୍କ ସ୍ଥାପନ କରିବାରେ ସହାୟତା ହୋଇଥାଏ ତାହା ଉପରେ ରେଖାପାତ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ନାଗରିକ ମଂଚର ସମ୍ପାଦକ ତଥା ସୁସାହିତ୍ୟକ ରାମଶଙ୍କର ନିଜର ସ୍ୱାଗତ ଭାଷଣରେ ଅନୁବାଦ ସାହିତ୍ୟର ବିଭିନ୍ନ ଦିଗ ଉପରେ ରେଖାପାତ କରିଥିଲେ । ଏହି ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ରମାକାନ୍ତ ମିଶ୍ର, ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ,ବ୍ରଜବନ୍ଧୁ ନାଏକ, ଆଦି ନାରାୟଣ ଖଣ୍ଡୁଆଳ ପ୍ରମୁଖ ଅଂଶ ଗ୍ରହଣ କରି ଅନୁବାଦ ସାହିତ୍ୟର ବିଭିନ୍ନ ଦିଗ ଉପରେ ରେଖାପାତ କରିବା ସହ ଆଜିର ସମାଜରେ ନିଜ ଓଡିଆର ଅସ୍ମିତାକୁ ବିଭିନ୍ନ ରାଜ୍ୟ ତଥା ଦେଶରେ ପହଂଚାଇବା ପାଇଁ ଅନୁବାଦ ସାହିତ୍ୟ ଏକ ପ୍ରତିଷ୍ଠିତ ମାର୍ଗ ବୋଲି କହିଥିଲେ। ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ, ବାଇଧର ମିଶ୍ର,ବିଜୟାନନ୍ଦ ପଟ୍ଟନାୟକ, ପଦ୍ମଲୋଚନ ସାହୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ଆରତୀ ମଞ୍ଜରୀ ଦାଶ, ନଳିନୀ ଦାଶ, ସୌଦାମିନି ପଟ୍ଟନାୟକ, ନାରାୟଣ ଦାସ, ବସନ୍ତ କୁମାର ପାଟ୍ଟଶାଣୀ, ସାମ୍ବାଦିକ ପ୍ରଦୀପ କୁମାର ବେହେରା, କିଶୋର ଚନ୍ଦ୍ର ପାଇକରାୟ, ଅର୍ଜ୍ଜୁନ ବାରିକ, ରାଜଶ୍ରୀ ରାୟ, ପ୍ରଭାସ ମଙ୍ଗରାଜ, ବିଜୟ କୁମାର ବ୍ରହ୍ମା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠିତ କବିତାପାଠକୁ ଗୋବିନ୍ଦ ଚନ୍ଦ୍ର ମହାରଣା, ଆରତୀ ମଞ୍ଜରୀ ଦାଶ ଓ ସୌଦାମିନୀ ପଟ୍ଟନାୟକ ସଂଯୋଜନା କରିଥିଲେ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ସ୍ଥଗିତ

ଅସ୍ତରଙ୍ଗ,(ପି.ଏନ): ଓଡ଼ିଶା ବିପର୍ଯ୍ୟୟ ପରିଚ଼ାଳନା ବିଭାଗ ପକ୍ଷରୁ ସାମ୍ଭାବ୍ୟ ବାତ୍ୟା ଅତ୍ୟଧିକ ବର୍ଷାକୁ ଦୃଷ୍ଟିରେ ସାରା ରାଜ୍ୟରେ ହାଇ ଆଲର୍ଟ ଜାରି ହୋଇଥିବା ବେଳେ ପୁରୀ ଉପଜିଲ୍ଲାପାଳ ଗୋପିନାଥ କୁଅଁର, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଅନୁରୋଧ କ୍ରମେ ମା ଲକ୍ଷ୍ମୀ କ୍ଲବର ୩୭ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ସ୍ଥଗିତ ରଖାଯାଇଛି। ଦର୍ଶକ ଆମ ପାଇଁ ଭଗବାନ ଦର୍ଶକଙ୍କ ସୁରକ୍ଷା ଆମ୍ଭର ପ୍ରାଥମିକତା ଆସନ୍ତା ୨୩,୨୪ ତାରିଖରେ ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ସ୍ଥଗିତ ରଖାଯାଇଛି ପରିବେଶ ସନ୍ତୁଳନତା ଠିକ୍ ରହିଲେ କେବେ କେଉଁ ଦିନ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ ଗଣମାଧ୍ୟମକୁ ସୂଚ଼ନା ଦିଆଯିବ ବୋଲି କହିଛନ୍ତି କ୍ଲବ୍ ର ସଭାପତି ତରୁଣ ତପନ ସ୍ୱାଇଁ, ଉପସଭାପତି ହରିହର ମହାନ୍ତି,ସଂପାଦକ ପବିତ୍ର କୁମାର କାଣ୍ତି, ସାଂସ୍କୃତିକ ସଂପାଦକ ଦେବାଶିଷ ବାରିକ୍ ।

## ମୃତ ସୁକେଶ ମଣ୍ଡଳଙ୍କୁ ନ୍ୟାୟ ପ୍ରଦାନ ପାଇଁ ପାରାଦୀପ କଂଗ୍ରେସ୍‌ର କ୍ୟାଣ୍ଡେଲ ଶୋଭାଯାତ୍ରା



ପାରାଦୀପ,(ପି.ଏନ): ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ କଲୋନୀରେ ରହୁଥିବା ସୁନିଲ ମଣ୍ଡଳଙ୍କ ପୁଅ ସୁକେଶ ମଣ୍ଡଳ ମୃତ୍ୟୁକୁ ଦୁଇ ମାସ ବିତି ଯାଇଥିଲେ ବି ଏ ପର୍ଯ୍ୟନ୍ତ ମୃତକଙ୍କୁ ନ୍ୟାୟ ମିଳି ପାରିଲା ନାହିଁ । ପରିଣତ ବୟସରେ ପୁଅ ହରାଇ ଭାଙ୍ଗି ପଡିଛନ୍ତି ବୃଦ୍ଧ ମାଆବାପା । ପୁଅ ନିଖୋଜ ପରେ ବାପା ସୁନିଲ ମଣ୍ଡଳ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ନିଖୋଜର ଦଶ ଦିନ ପରେ ସୁକେଶଙ୍କ ଗଳିତ ଶବ ମଧୁବନ ଜେବିଜେସି କଲୋନି ନିକଟରୁ ମିଳିଥିଲା । ଦୁଇ ମାସ ପରେବି ମୃତ ସୁକେଶ ମୃତ୍ୟୁର କୌଣସି ସଠିକ ଦିଗର ସୁରାକ ମିଳିଲା ନାହିଁ କି ସୁକେଶ ବ୍ୟବହାର କରୁଥିବା ଦୁଇଟି ମୋବାଲ୍ ?ର ସନ୍ଧାନ ମିଳିଲା ନାହିଁ । ମୃତ ସୁକେଶଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବୀରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଶୁକ୍ରବାର ଦିନ ସଂନ୍ଧ୍ୟାରେ ଏକ ବିରାଟ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳଙ୍କ ଆହ୍ୱାନକ୍ରମେ ପାରାଦୀପ ନିର୍ବାଚ଼ନମଣ୍ଡଳି କଂଗ୍ରେସ୍ ନେତା ନିରଂଜନ ନାୟକ,ସରୋଜ ପ୍ରଧାନ, ବିନୋଦ ପ୍ରଧାନ, ତ୍ରିନାଥ ମହାନ୍ତି, କୃପାସିନ୍ଧୁ ଦାସ, ବିଜୟୀ କୁମାର ସେଠି,ସଂଘମିତ୍ରା ସ୍ୱାଇଁ, କୌଶିଲା ମହାନ୍ତି,ମୃତ ସୁକେଶଙ୍କ ବାପା ସୁନୀଲ ମଣ୍ଡଳଙ୍କ ସମେତ ଜଗନ୍ନାଥ କଲୋନୀ ୧୩ ନମ୍ବର ୱର୍ଡ ର ସୁବଳ କୁମାର ଦାସ, ଜୟନ୍ତ ମଣ୍ଡଳ, ସୁସେନ ମଣ୍ଡଳ, ସୀତାରାମ ହାଜିରା, ବିମଳ ପାତ୍ର ପ୍ରମୁଖ ବସ୍ତି ବାସିନ୍ଦାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ନେତାମାନେ ସାମିଲ ହୋଇଥିଲେ ।

## ବିଲରେ ଧାନ ଜଗିଥିବା ବେଳେ ଦଳି ଦେଲା ହାତୀ ବୃଦ୍ଧ ମୃତ

କେନ୍ଦୁଝର,(ପି.ଏନ): ବାଂଶପାଳ ବ୍ଲକ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ କୁଶକଳା ଗ୍ରାମ ରେ ଅଭାବନୀୟ ଘଟଣା। ବିଳମ୍ବିତ ରାତିରେ ବିଲ ରେ ଧାନ ଜଗିଥିବା ବେଳେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ କୁଶକଳା ଗ୍ରାମ ର ମହେଶ୍ୱର ମହାନ୍ତ (୬୮) ବୋଲି ଜଣାପଡିଛି। ଗାଁ ନିକଟ ରେ ଏବେ ବି ୩୨ ଟିକିଆ ହାତୀ ପଲ ଘୁରି ବୁଲୁଥିବା ରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସୂଚ଼ନା ଅନୁସାରେ ବିଜେପି ରେଞ୍ଜ ର କୁଶକଳା, ଅଡାଳ, କଲଣ୍ଡା ଆଦି ଅଞ୍ଚଳ ରେ ୩୨ ଟୀକିଆ ହାତୀ ପଲ ଘୁରି ବୁଲୁଛନ୍ତି। ହାତୀ ପଲ ଙ୍କ ଉପଦ୍ରବ ଏସବୁ ଅଞ୍ଚଳ ରେ ଲାଗି ରହିଛି। ତେବେ ହାତୀ ପଲ ଙ୍କ କବଳ ରୁ ଧାନ ଫସଲ କୁ ବଞ୍ଚାଇବା ପାଇଁ ଲୋକେ ରାତି ରେ ଧାନ ବିଲ ରେ ମଞ୍ଚା ମାରି ଜଗୁଛନ୍ତି। ଗତ କାଲି ବିଳମ୍ବିତ ରାତିରେ କୁଶକଳା ଗ୍ରାମ ର ମହେଶ୍ୱର ମହାନ୍ତ ଗାଁ ନିକଟସ୍ଥ ନିଜ ବିଲ ରେ ଧାନ ଜଗିଥିବା ବେଳେ ହାତୀ ପଲ ରୁ ଏକୁଟିଆ ବୁଲୁଥିବା ମାଇ ହାତୀ ଟି ଧାନ ବିଲ ରେ ପଶି ଯାଇଥିଲା। ହାତୀ ଟି ଧାନ ଫସଲ ନଷ୍ଟ କରୁଥିବା ଦେଖି ମଞ୍ଚା ଉପରୁ ତଳକୁ ଓହ୍ଲାଇ ଘୋଉଡାଉଥିବା ବେଳେ ହାତୀ ଟି ତାଙ୍କୁ ଦଳି ଦେଇଥିଲା। ଫଳ ରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।ଖବର ପାଇ ବନ ବିଭାଗ ଟିମ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ କୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡ଼ିକାଲ୍ କୁ ପଠାଇଛି। ବନ ବିଭାଗ ହାତୀ ଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରୁଛି। ତେବେ ନିୟମିତ ଧନ ଜୀବନ ନଷ୍ଟ କରୁଥିବା ରୁ ସ୍ଥାନୀୟ ଅଞ୍ଚଳ ରେ ଅସନ୍ତୋଷ ପ୍ରକାଶ ପାଉଛି। ମୃତକ ଙ୍କ ପରିବାର କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବାଲ୍ୟ ବିବାହ ସମ୍ପର୍କରେ ପଞ୍ଚାୟତ, ବିଦ୍ୟାଳୟ, ସମ୍ପ୍ରଦାୟର କାର୍ଯ୍ୟକାରିତା ଏବଂ ଦାୟିତ୍ୱବୋଧ ନେଇ ସୁପ୍ରିମକୋର୍ଟ ନିର୍ଦ୍ଦେଶାବଳୀ ଜାରି କଲେ

ଭୁବନେଶ୍ୱର,(ପି.ଏନ):ବାଲ୍ୟ ବିବାହ ମୁକ୍ତ ଭାରତ ସହଭାଗୀ ତଥା ଓଡିଶା ଭିତ୍ତିକ ପିଟିସନକାରୀ ସୋସାଇଟି ଫର୍ ଏନଲାଇଟେନମେଣ୍ଟ ଆଣ୍ଡ ଭଲ୍ୟୁଣ୍ଟାରୀ ଆକ୍ସନ (ଏସଇଭିଏ) କୃତଜ୍ଞତା ଜଣାଇ କହିଛନ୍ତି, ସମାନ ମଡେଲରେ ସିଏମଏଫଆଇର ଅଂଶ ଭାବରେ ୨୦୦ରୁ ଅଧିକ ଏନଜିଓ କାର୍ଯ୍ୟ କରୁଛନ୍ତି । ୨୦୦ରୁ ଅଧିକ ଏନଜିଓର ମିଳିତ ମଞ୍ଚ ସିଏମଏଫଆଇ, କେବଳ ୨୦୨୩-୨୪ ମସିହାରେ ସମଗ୍ର ଭାରତରେ ୧, ୨୦,୦୦୦ରୁ ଅଧିକ ବାଲ୍ୟ ବିବାହ ବନ୍ଦ କରିଛନ୍ତି ।ଚ଼ାଇଲ୍ଡ ମ୍ୟାରେଜ୍ ଫ୍ରି ଇଣ୍ଡିଆ (ସିଏମ୍ଏଫ୍ ?ଆଇ) ମିଳିତ ସହଯୋଗୀ ସୋସାଇଟି ଫର୍ ଏନଲାଇଟେନମେଣ୍ଟ ଆଣ୍ଡ ଭଲ୍ୟୁଣ୍ଟାରୀ ଆକ୍ସନ (ଏସଇଭିଏ) ତଥା କାର୍ଯ୍ୟକର୍ତ୍ତା ନିର୍ମଳ ଗୋରାନାଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନକୁ ଶୁଣିବା ପରେ ଭାରତର ସର୍ବୋଚ୍ଚ଼ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ସହିତ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି ଯେଉଁଥିରେ ଗ୍ରାମ ସମ୍ପ୍ରଦାୟକୁ ସଚେତନ କରାଇବା ସହିତ ବାଲ୍ୟ ବିବାହର ସମାପ୍ତି ଉପରେ ଗୁରୁତ୍ୱ ଦିଆଯାଉଛି । ସର୍ବୋଚ୍ଚ଼ ଅଦାଲତଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ନିଶ୍ଚିତ ଭାବରେ ୨୦୩୦ ସୁଦ୍ଧା ବାଲ୍ୟ ବିବାହର ଅନ୍ତ ଘଟାଇବ ବୋଲି ନିଶ୍ଚିତ କରି ଓଡିଶା ସ୍ଥିତ ଏନଜିଓ ସେବା (ଏସଇଭିଏ)ର ନିର୍ଦ୍ଦେଶକ ଅଳକା ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହି ନିର୍ଦ୍ଦେଶାବଳୀ ସିଏମଏଫଆଇ ଅଭିଯାନର କାର୍ଯ୍ୟ ଏବଂ ବିଶ୍ୱାସକୁ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ କରୁଛି ଏବଂ ଏହା ଦର୍ଶାଉଛି ଯେ, ମିଳିତ ମଞ୍ଚର ୨୦୦ରୁ ଅଧିକ ଏନଜିଓ ଅଂଶୀଦାରମାନଙ୍କୁ ସାମିଲ କରାଯାଇ ନୂତନ ଭାବେ ସଶକ୍ତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ ଦେଶରେ 'ବାଲ୍ୟ ବିବାହ ମୁକ୍ତ ଗ୍ରାମ" ପଦକ୍ଷେପ ଆରମ୍ଭ କରାଯିବାକୁ ଆପେକ୍ସ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଏହି ମିଳିତ ମଞ୍ଚ କେବଳ ୨୦୨୩-୨୪ ମସିହାରେ ସମଗ୍ର ଭାରତରେ ୫୦,୦୦୦ ରୁ ଅଧିକ 'ବାଲ୍ୟ ବିବାହ ମୁକ୍ତ ଗ୍ରାମ' ସୃଷ୍ଟି କରି ପାରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ (ଓଏସପିସିଆର)ର ଅଧ୍ୟକ୍ଷ ସସ୍ମିତା ନନ୍ଦ ଏବଂ ସିଏମଏଫଆଇ ସଂଯୋଜକ ରବିକାନ୍ତ ମଧ୍ୟ ସମ୍ବୋଧିତ କରିଥିଲେ ଓ ପିଲାମାନଙ୍କୁ ସେମାନଙ୍କର ଅଧିକାର, ଯୌନ ଶିକ୍ଷା, ପଞ୍ଚାୟତ ଗଠନ, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ବାଲ୍ୟ ବିବାହ ସୁରକ୍ଷା ଅଧିକାରୀଙ୍କୁ ସେମାନଙ୍କ ଆଖପାଖରେ ହେଉଥିବା ଏଭଳି କାର୍ଯ୍ୟ ପାଇଁ ଉତ୍ତରଦାୟୀ କରିବା ଉପରେ ଏକ ନିର୍ଦ୍ଦେଶନାମା ସମ୍ପର୍କରେ ଆପେକ୍ସ କୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପ୍ରତିରୋଧ, ସୁରକ୍ଷା ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିଷେଧାଦେଶର ବାଲ୍ୟ ବିବାହ ଆଇନ (ପିସିଏମଏ) ୨୦୦୬ କାର୍ଯ୍ୟକାରୀ କରିବା ପାଇଁ ମଡେଲ ବ୍ୟବହାର କରାଯିବା ଉଚ଼ିତ୍ ବୋଲି ଶୀର୍ଷକୋର୍ଟ କହିଛନ୍ତି ଓ କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଏହି ଉପାୟଟି ସମ୍ପ୍ରଦାୟ ଦ୍ୱାରା ପରିଚ଼ାଳିତ ହେବା ଉଚ଼ିତ ଏବଂ ବାଲ୍ୟ ବିବାହକୁ ରୋକିବାରେ ଶେଷ ପନ୍ଥା ଭାବରେ ବ୍ୟବହାର କରାଯିବା ଉଚ଼ିତ୍।

୨୦୩୦ ସୁଦ୍ଧା ଭାରତରେ ବାଲ୍ୟ ବିବାହ ବିଲୋପ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନୂତନ ନିର୍ଦ୍ଦେଶନାମା ପାଇଁ ସୁପ୍ରିମକୋର୍ଟଙ୍କୁ ଗଭୀର କୃତଜ୍ଞତା ଜଣାଇ ଅଳକା ସାହୁ କହିଛନ୍ତି, 'ଏହି ନିର୍ଦ୍ଦେଶାବଳୀ ପାଇଁ ଆମେ ସୁପ୍ରିମକୋର୍ଟଙ୍କ ନିକଟରେ ଅଶେଷ..କୃତଜ୍ଞ ଓ ଯାହା ନିଶ୍ଚିତ କରିବ ଯେ ଭାରତ ଶୀର୍ଷବିନ୍ଦୁରେ ପହଞ୍ଚିବ ଏବଂ ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ହେବ । ସେ କହିଛନ୍ତି ଯେ ଏହି ନୂତନ ନିର୍ଦ୍ଦେଶାବଳୀ ରାଜ୍ୟ ସରକାର ଏବଂ ଗ୍ରାମ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ ହେଲେ ଏହାର ପ୍ରଭାବ ବହୁଗୁଣିତ ହେବ ଏବଂ ବାଲ୍ୟ ବିବାହ ସମାପ୍ତ ହେବ ।

ସମସ୍ତ ଏନଜିଓ ସହଭାଗୀ, ସିଏମଏଫଆଇ ଅଭିଯାନର ଏକ ଅଂଶ ଭାବରେ, ଦେଶର ୪୦୦ରୁ ଅଧିକ ଜିଲ୍ଲାରେ ପିକେଟ(ପିଆଇସିକେଇଟି) ରଣନୀତି ଅନୁସରଣ କରୁଛନ୍ତି । ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ପ୍ରତିଷ୍ଠାତା ଭୁବନ ରିଭୁଙ୍କ ଦ୍ୱାରା ପିକେଟିଂ ରଣନୀତି ପ୍ରସ୍ତୁତ କରାଯାଇଛି। ଏନଜିଓ ସହଭାଗୀମାନଙ୍କ ବ୍ୟତୀତ ଏହି ରଣନୀତିକୁ ବିଭିନ୍ନ ସରକାରୀ ଏଜେନ୍ସି ମଧ୍ୟ ସମର୍ଥନ କରିଛନ୍ତି। ପିକେଟ୍ ପଲିସି, ଇନଷ୍ଟିଚ୍ୟୁସନ, କୋଲାବରେସନ, ନଲେଜ୍, ଇକୋସିଷ୍ଟମ୍ ଏବଂ ଟେକ୍ନୋଲୋଜି ଆଦିକୁ ଗଠିତ ଓ ଏହି ସାମଗ୍ରିକ ଆଭିମୁଖ୍ୟର ପ୍ରୟୋଗ ସହିତ ଗତ ଏକ ବର୍ଷ ମଧ୍ୟରେ ବାଲ୍ୟ ବିବାହ ମୁକ୍ତ ଭାରତ (ସିଏମଏଫଆଇ) ଅଭିଯାନ ଏବଂ ଏହାର ସହଯୋଗୀ ଏନଜିଓମାନେ ୧୨୦,୦୦୦ରୁ ଅଧିକ ବାଲ୍ୟ ବିବାହକୁ ସଫଳତାର ସହ ରୋକିଛନ୍ତି । ଏଥିସହ, ସରକାରୀ ଉଦ୍ୟମରେ ୧୧ଲକ୍ଷରୁ ଅଧିକ ଅସୁରକ୍ଷିତ ପିଲାଙ୍କୁ ବାଲ୍ୟ ବିବାହରୁ ରକ୍ଷା କରାଯାଇଛି। ନୂତନ ନିର୍ଦ୍ଦେଶାବଳୀ କିପରି ବାଲ୍ୟ ବିବାହ ମୁକ୍ତ ହେବା ଦିଗରେ ଦେଶର ଯାତ୍ରାକୁ ତ୍ୱରାନ୍ୱିତ କରିବ ସେ ବିଷୟରେ ଆଲୋଚ଼ନା କରି ରବିକାନ୍ତ କହିଛନ୍ତି, 'ବାଲ୍ୟ ବିବାହ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗ। ଏହି ନୀତି ମାଧ୍ୟମରେ ପିଲାମାନଙ୍କ ବିରୁଦ୍ଧରେ ହେଉଥ?ିବା ଏହି ଗୁରୁତର ଅପରାଧର ମୁକାବିଲା କରିବାରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହା ମଧ୍ୟ ଆମକୁ ଅତ୍ୟକ ଆନନ୍ଦ ପ୍ରଦାନ କରେ ଯେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଆମ ପିକେଟ୍ ରଣନୀତିର ଏକ ଅଂଶ ଭାବରେ ଆମ ଦ୍ୱାରା ଅଭ୍ୟାସ ହୋଇସାରିଛି ଯାହା ବାଲ୍ୟ ବିବାହ ମୁକ୍ତ ଭାରତ (ସିଏମଏଫଆଇ) ସହଭାଗୀମାନଙ୍କ ପାଇଁ ବ୍ଲୁ ପ୍ରିଣ୍ଟ ଅଟେ। ବାଲ୍ୟ ବିବାହର ମୁକାବିଲା କରିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଏସସିପିସିଆର ଚେୟାରମ୍ୟାନ୍ ମନ୍ଦାକିନୀ କର ସେବା ଏବଂ ସିଏମଏଫଆଇ ଅଭିଯାନକୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, 'ଶିଶୁଙ୍କ ବିରୁଦ୍ଧରେ ବାଲ୍ୟ ବିବାହ ହେଉଛି ସବୁଠାରୁ ଖରାପ ଅପରାଧ; ଏହା ସେମାନଙ୍କର ପିଲାଦିନ, ସେମାନଙ୍କର ଭବିଷ୍ୟତକୁ ଛଡ଼ାଇ ନେଇଥାଏ ଏବଂ ଦେଶର ମେରୁଦଣ୍ଡକୁ ଦୁର୍ବଳ କରିଥାଏ । ସୁପ୍ରିମକୋର୍ଟର ନିର୍ଦ୍ଦେଶାବଳୀ ନିଶ୍ଚିତ କରିବ ଯେ ପ୍ରତ୍ୟେକ ରାଜ୍ୟର ପ୍ରତ୍ୟେକ ଗ୍ରାମ ଆମର ସମସ୍ତ ପିଲାଙ୍କ ଶିକ୍ଷା ତଥା ସଶକ୍ତିକରଣ ଉପରେ ଧ୍ୟାନ ଦେବା ଜରୁରୀ । ଏହି ଜଘନ୍ୟ ଅପରାଧକୁ ସମାପ୍ତ କରିବାରେ ସେମାନଙ୍କର ନିରନ୍ତର ଉଦ୍ୟମ ପାଇଁ ମୁଁ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଏବଂ ସେବାକୁ ମିଳିତ ଭାବେ ଅଭିନନ୍ଦନ ଜଣାଉଛି । ମୁଁ ନିଶ୍ଚିତ ଯେ, ଆମ ଦେଶକୁ ବାଲ୍ୟ ବିବାହରୁ ମୁକ୍ତ କରିବୁ । ' ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀରେ ଆଇନ ଶୃଙ୍ଖଳା, ନ୍ୟାୟିକ ପଦକ୍ଷେପ, ସମ୍ପ୍ରଦାୟର ଯୋଗଦାନ, ସଚେତନତା ଅଭିଯାନ, ଦକ୍ଷତା ବୃଦ୍ଧି, ଶିକ୍ଷାଗତ ସହାୟତା ଏବଂ ରିପୋର୍ଟ ପାଇଁ ଟେକ୍ନୋଲୋଜି ଚ଼ାଳିତ ପଦକ୍ଷେପକୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଧାନ ବିଚ଼ାରପତି ଡି.ୱାଇ. ଚ଼ନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି ପାଦିରୱାଲା ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ବେଞ୍ଚ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁଥିରେ ଦର୍ଶାଯାଇଛି ଯେ, ଦେଶରେ ବାଲ୍ୟ ବିବାହର ଅବସ୍ଥା ଅତ୍ୟନ୍ତ ଭୟଙ୍କର । "ନିର୍ଦ୍ଦେଶପତ୍ର ଏବଂ ଆମ୍ବା" ରେ ବାଲ୍ୟ ବିବାହ ନିୟମ କାର୍ଯ୍ୟକାରୀ ହେଉନାହିଁ ।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray